

# କଟକ ସିଟି

# ଜିଲ୍ଲାର ୬ ବିଧାନସଭା କ୍ଷେତ୍ର ପାଇଁ ବିଜେଡିର ପ୍ରାର୍ଥୀ ଘୋଷଣା

■ ବରିଷ୍ଠ ନେତା ରଣେନ୍ଦ୍ର ଓ ଦେବୀଙ୍କ ଉପରେ ଆସ୍ଥା

■ ଚନ୍ଦ୍ରସାରଥୀ, ସୌଭିକ, ଦେବୀରଞ୍ଜନ ଓ ପ୍ରମୋଦଙ୍କ ପ୍ରାର୍ଥିତ୍ୱକୁ ମୋହର



କଟକ, ୨୭ ।୩(ସମିସ)

ଆଜି ବିଜୁଜନତା ଦଳ ପକ୍ଷରୁ ପ୍ରଥମ ପର୍ଯ୍ୟାୟ ପ୍ରାର୍ଥୀ ତାଲିକା ଘୋଷଣା କରିଛନ୍ତି ଦଳର ସୁପ୍ରିମୋ ତଥା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ। କଟକ ଜିଲ୍ଲାର ମୋଟ ୯ଗୋଟି ବିଧାନସଭା କ୍ଷେତ୍ର ମଧ୍ୟରୁ ପ୍ରଥମ ପର୍ଯ୍ୟାୟରେ ୬ଟି ବିଧାନସଭା ନିର୍ବାଚନ ମଣ୍ଡଳୀ ପାଇଁ ଦଳ ତାର ପ୍ରାର୍ଥୀ ଘୋଷଣା କରିଛି। ଜିଲ୍ଲାର ଆଠଗଡ଼, ବଡମ୍ବା, କଟକ ସଦର, ବାଙ୍କୀ, ଚୌଦ୍ୱାର-କଟକ ଓ ନିଆଳି ବିଧାନସଭା କ୍ଷେତ୍ରରୁ ପ୍ରତିନିଧିତ୍ୱ କରୁଥିବା ସମସ୍ତ ୬ଜଣ ଯାକ ବିଧାୟକଙ୍କୁ ଦଳ ୨୦୨୪ନିର୍ବାଚନ ପାଇଁ ପୁଣି ପ୍ରାର୍ଥୀ କରିଛି। ଏହି କ୍ରମରେ ଆଠଗଡ଼ରେ ବିଜେଡିର ବରିଷ୍ଠ ନେତା ରଣେନ୍ଦ୍ର ପ୍ରତାପ ସ୍ୱାଇଁ ଓ ବଡମ୍ବାରେ ଦେବୀ ପ୍ରସାଦ ମିଶ୍ରଙ୍କ ଉପରେ ଦଳ ଆସ୍ଥା ପ୍ରକଟ କରିଛି। ଆଠଗଡ଼ ବିଧାନସଭା ଆସନରୁ ବିଜୁ ଜନତା ଦଳରୁ ରଣେନ୍ଦ୍ର ପ୍ରତାପ ସ୍ୱାଇଁ ଗତ ୨୦୦୦ମସିହା, ୨୦୦୪, ୨୦୧୨ଉପନିର୍ବାଚନ, ୨୦୧୪, ୨୦୧୯ରୁ ପ୍ରାର୍ଥୀ ହୋଇ ଜିତାପଟ ହାସଲ କରିଆସିଛନ୍ତି। ଅନ୍ୟପଟରେ ୧୯୯୦ ଓ ୧୯୯୫ରେ ମଧ୍ୟ ଆଠଗଡ଼ ନିର୍ବାଚନ ମଣ୍ଡଳୀରୁ ଜନତା ଦଳ ପ୍ରାର୍ଥୀ ଭାବେ ରଣେନ୍ଦ୍ର ବିଜୟୀ ହୋଇଥିଲେ। ୭ଥର ବିଧାୟକ ହୋଇଥିବା ଭେଟେରାନ ନେତା ରଣେନ୍ଦ୍ର ପୁଣି ୨୦୨୪ ନିର୍ବାଚନରେ ବିଜେଡି ପ୍ରାର୍ଥୀ ଭାବେ ଅବତୀର୍ଣ୍ଣ ହେବେ। ସେହିପରି ବଡମ୍ବାରୁ ବରିଷ୍ଠ ନେତା ଦେବୀ ପ୍ରସାଦ ମିଶ୍ରଙ୍କୁ ମଧ୍ୟ ଦଳ ପ୍ରାର୍ଥୀ କରିଛି। ୬ଥର ବିଧାୟକ ହୋଇଥିବା ଦେବୀ ମଧ୍ୟ ଗତ ୨୦୧୯, ୨୦୧୪, ୨୦୦୯, ୨୦୦୪, ୨୦୦୦ରେ ବିଜେଡି ପ୍ରାର୍ଥୀ ଭାବେ ଜିତିଆସିଛନ୍ତି। ୧୯୯୫ରେ ସେ ଜନତା ଦଳରୁ ପ୍ରାର୍ଥୀ ହୋଇ ଜିତିଥିଲେ। ଅନୁସୂଚୀତ ଜାତି ବର୍ଗ ପାଇଁ ସଂରକ୍ଷିତ ନିଆଳି ବିଧାନସଭା କ୍ଷେତ୍ର ପାଇଁ ୩ଥର ବିଧାୟକ ହୋଇଥିବା ଡା.ପ୍ରମୋଦ ମଲ୍ଲିକଙ୍କୁ ଚତୁର୍ଥ ଥର ପାଇଁ ପ୍ରାର୍ଥୀ ଭାବେ ଘୋଷଣା କରିଛି ବିଜେଡି। ଏଥି ପୂର୍ବରୁ ୨୦୦୯, ୨୦୧୪ ଓ ୨୦୧୯ରେ ଡା. ମଲ୍ଲିକ ବିଜେଡି ପ୍ରାର୍ଥୀ ଭାବେ ନିଆଳି ବିଧାନସଭା ଆସନରୁ ବିଜୟୀ ହୋଇଥିଲେ। ୩ଥର ବିଧାୟକ ହୋଇଥିବା ଚନ୍ଦ୍ର ସାରଥୀ ବେହେରାଙ୍କୁ କଟକ ସଦର ବିଧାନସଭା ଆସନରୁ ବିଜେଡି ପୁଣି ପ୍ରାର୍ଥୀ ଭାବେ ଚୟନ କରିଛି। ୨୦୧୪ ଓ ୨୦୧୯ରେ ଚନ୍ଦ୍ରସାରଥୀ ବିଜେଡି ପ୍ରାର୍ଥୀ ଭାବେ ସଦର ଆସନରୁ ଜିତାପଟ ହାସଲ କରିଥିଲେ। ତେବେ ଏଥି ପୂର୍ବରୁ ଗତ ୨୦୦୯ରେ ସେ ସାଲେପୁର ବିଧାନସଭା କ୍ଷେତ୍ରରୁ ବିଜେଡି ପ୍ରାର୍ଥୀ ଭାବେ ବିଜୟୀ ହୋଇପାରିଥିଲେ। ବାଙ୍କୀ ବିଧାନସଭା କ୍ଷେତ୍ର ପାଇଁ ଦେବୀରଞ୍ଜନ ତ୍ରିପାଠୀ ଓ ଚୌଦ୍ୱାର-କଟକରେ ସୌଭିକ ବିଶ୍ୱାଳଙ୍କୁ ବିଜେଡି ପୁଣି ପ୍ରାର୍ଥୀ ଭାବେ ଘୋଷଣା କରିଛି। ଗତ ୨୦୧୯ ବିଧାନସଭା ନିର୍ବାଚନରେ ଉଭୟ ଛାତ୍ର ନେତା ସେମାନଙ୍କ ପିତାଙ୍କ ଗଡ଼ରେ ବିଜେଡି ପ୍ରାର୍ଥୀ ହୋଇ ବିଜୟୀ ହୋଇଥିଲେ। ବାଙ୍କୀରେ ୨୦୦୦, ୨୦୦୯, ୨୦୧୪ରୁ ବିଜେଡି ପ୍ରାର୍ଥୀ ଭାବେ ଦେବୀରଞ୍ଜନଙ୍କ ପିତା ପ୍ରଭାତ ତ୍ରିପାଠୀ ବିଜୟୀ ହୋଇଥିଲେ। ସେହିପରି ଚୌଦ୍ୱାର-କଟକ ବିଧାନସଭା ଆସନରୁ ମଧ୍ୟ ସୌଭିକଙ୍କ ପିତା ପ୍ରଭାତ ରଞ୍ଜନ ବିଶ୍ୱାଳ ଗତ ୨୦୧୪ ଓ ୨୦୦୯ରେ ବିଜେଡି ପ୍ରାର୍ଥୀ ଭାବେ ଜିତାପଟ ହାସଲ କରିଥିଲେ। ପ୍ରଥମ ପର୍ଯ୍ୟାୟରେ ଜିଲ୍ଲାର ୬ଗୋଟି ବିଧାନସଭା ଆସନ ପାଇଁ ବିଜେଡି ତାହାର ପ୍ରାର୍ଥୀ ଘୋଷଣା କରିଥିବା ବେଳେ ବାରବାଟୀ-କଟକ, ସାଲେପୁର ଓ ମାହାଙ୍ଗା ବିଧାନସଭା କ୍ଷେତ୍ର ପାଇଁ ପ୍ରାର୍ଥୀ ଘୋଷଣା ବାକି ରହିଛି।

## 'କେବଳ ଦୌରା ଜଜ୍ ଓ ଅତିରିକ୍ତ ଦୌରା ଜଜ୍ ଏନ୍‌ଡିପିଏସ୍ ମାମଲାର ବିଚାର କରିପାରିବେ'

**କଟକ, ୨୭ ।୩(ସମିସ):** ଏନଡିପିଏସ ଆଇନରେ ରୁଜୁ ମାମଲା ଗୁଡ଼ିକର ବିଚାର କରିବା ସହକାରୀ ଦୌରା ଜଜ୍ (ଆସିଷ୍ଟାଣ୍ଟ ସେସନ୍ସ ଜଜ୍) ଅଦାଲତଙ୍କ କ୍ଷମତା ପରିସରଭୁକ୍ତ ନୁହେଁ। ଏହି ମାମଲା ଗୁଡ଼ିକର ବିଚାର କେବଳ ଦୌରା ଜଜ୍ ବା ଅତିରିକ୍ତ ଦୌରା ଜଜ୍ କରିପାରିବେ ବୋଲି ହାଇକୋର୍ଟ ଏକ ଗୁରୁତ୍ୱପୂର୍ଣ୍ଣ ରାୟ ଶୁଣାଇଛନ୍ତି। ଜଣେ ବ୍ୟକ୍ତିଙ୍କୁ ଏନଡିପିଏସ୍ ଆଇନର ଧାରା ୨୦(ବି(୧)ରେ ଦୋଷୀ ସାବ୍ୟସ୍ତ କରିବା ସହ ଜୟପୁର ସହକାରୀ ଦୌରା ଜଜ୍ ଅଦାଲତ ୧୯୯୧, ଏପ୍ରିଲ ୧୦ରେ ପ୍ରଦାନ କରିଥିବା ଦଣ୍ଡାଦେଶକୁ ହାଇକୋର୍ଟ ଅସିଦ୍ଧ ଘୋଷଣା କରିଛନ୍ତି। ଏଥି ସହିତ ଆବେଦନକାରୀଙ୍କୁ ଏହି ମାମଲାରୁ ହାଇକୋର୍ଟ ଦୋଷମୁକ୍ତ କରିଛନ୍ତି। ଜଷ୍ଟିସ ଦେବବ୍ରତ ଦାଶ ଓ ଜଷ୍ଟିସ ଭି.ନରସିଂହଙ୍କୁ ନେଇ ଗଠିତ ଖଣ୍ଡପୀଠ ବାଲ୍ମିକି ରାଉତଙ୍କ ଆବେଦନର ଶୁଣାଣି କରି ଏହି ରାୟ ପ୍ରଦାନ କରିଛନ୍ତି। ହାଇକୋର୍ଟ ଓ ସୁପ୍ରିମକୋର୍ଟର କେତେକ ରାୟର ନଜିର ଉପସ୍ଥାପନ କରାଯାଇଥିଲା ବେଳେ ଖଣ୍ଡପୀଠ ଏହାକୁ ଗ୍ରହଣ କରି ଉପରୋକ୍ତ ଆଦେଶ ପ୍ରଦାନ କରିଛନ୍ତି। ଦୀର୍ଘ ୩୩ବର୍ଷ ପରେ ନିମ୍ନ ଅଦାଲତଙ୍କ ଆଦେଶ ବିରୋଧରେ ରୁଜୁ ଆବେଦନର ଶୁଣାଣିରେ ହାଇକୋର୍ଟ ପୂର୍ଣ୍ଣଚ୍ଛେଦ ପକାଇଛନ୍ତି। ପ୍ରକାଶ ଯେ ୧୯୯୦, ନଭେମ୍ବରରେ ଆବେଦନକାରୀଙ୍କ ନିକଟରୁ ୬କିଲୋ ଗଞ୍ଜେଇ ଅବକାରୀ ବିଭାଗ ଜବତ କରି ମାମଲା ରୁଜୁ କରିଥିଲା। ୧୯୯୦, ନଭେମ୍ବର ୩୦ରେ ଚାର୍ଜସିଟ ଦାଖଲ କରିଥିଲା ଅବକାରୀ ବିଭାଗ। ପ୍ରଥମେ ଜୟପୁରସ୍ଥିତ ଦୌରା ଜଜ୍ ଅଦାଲତ ଏହି ମାମଲାକୁ ଶୁଣାଣି ପାଇଁ ସହକାରୀ ଦୌରା ଜଜ୍ ଅଦାଲତକୁ ସ୍ଥାନାନ୍ତର ଲାଗି ନିର୍ଦ୍ଦେଶ ଦେଇଥିଲେ। ସହକାରୀ ଦୌରା ଜଜ୍ ଅଦାଲତ ୧୯୯୧, ଏପ୍ରିଲ ୧୦ରେ ଆବେଦନକାରୀଙ୍କୁ ଏନଡିପିଏସ ଆଇନର ଧାରା ୨୦(ବି)(୧)ରେ ୨ ବର୍ଷ ସଶ୍ରମ ଜେଲ ଓ ୫ହଜାର ଟଙ୍କା ଜରିମାନା ଦଣ୍ଡାଦେଶ ପ୍ରଦାନ କରି ରାୟ ପ୍ରକାଶ କରିଥିଲେ। ଏହି ରାୟକୁ ବିରୋଧ କରି ୧୯୯୧ରେ ଅଭିଯୁକ୍ତ ଆବେଦନକାରୀ ହାଇକୋର୍ଟରେ କ୍ରିମିନାଲ ଅପିଲ ଦାୟର କରିଥିଲେ। ଏନଡିପିଏସ ଆଇନର ଧାରା ୩୬-ଡି ଅନୁସାରେ ସ୍ୱତନ୍ତ୍ର ଅଦାଲତ ଗଠନ ହେବା ପର୍ଯ୍ୟନ୍ତ ଦୌରା ଜଜ୍ ଅଦାଲତ ଏପରି ମାମଲାର ଶୁଣାଣି କରି ରାୟ ପ୍ରକାଶ କରି ପାରିବେ। ସେହିପରି ଦୌରା ଜଜ୍ ବା ଅତିରିକ୍ତ ଦୌରା ଜଜ୍ ଭାବେ କାର୍ଯ୍ୟ କରିଥିବା ବିଚାରବିଭାଗୀୟ ଅଧିକାରୀ ସ୍ୱତନ୍ତ୍ର ଅଦାଲତର ଜଜ୍ ଭାବେ ନିଯୁକ୍ତି ପାଇ ପାରିବେ ବୋଲି ଆଇନଗତ ବ୍ୟବସ୍ଥା ରହିଛି। ଏଣୁ ସହକାରୀ ଦୌରା ଜଜ୍ ଉପରୋକ୍ତ ଦଣ୍ଡାଦେଶ ସହ ରାୟ ପ୍ରକାଶ କରିବା ତାଙ୍କ କ୍ଷମତା ପରିସରଭୁକ୍ତ ନୁହେଁ ବୋଲି ଆବେଦନକାରୀ ଦର୍ଶାଇଥିଲେ। ଦୀର୍ଘ ୩୩ ବର୍ଷ ଅତିବାହିତ ହୋଇ ସାରିଥିବାରୁ ବର୍ତ୍ତମାନ ମାମଲାର ପୁନର୍ବାର ଟ୍ରାଏଲ ପାଇଁ ନିର୍ଦ୍ଦେଶ ଦେବା ଉଚିତ ହେବ ନାହିଁ ବୋଲି ହାଇକୋର୍ଟଙ୍କ ରାୟରେ ଉଲ୍ଲେଖ କରାଯାଇଛି।

**୩୩ବର୍ଷ ପରେ ସହକାରୀ ଦୌରା ଜଜ୍ ଅଦାଲତଙ୍କ ଦଣ୍ଡାଦେଶ ରଦ୍ଦ**

■ ବଡ଼ ମେଡିକାଲରେ ଦୁଇ ଘଣ୍ଟାର ହାଇଡ୍ରାମା

## ସ୍ୱାମୀର ମୃତଦେହ ନେବାକୁ ଦୁଇ ସ୍ତ୍ରୀଙ୍କ କଳି



କଟକ, ୨୭।୩(ସମିସ)

କଟକ ବଡ ମେଡିକାଲ ଶବ ବ୍ୟବଚ୍ଛେଦ ଗୃହ ନିକଟରେ ବୁଧବାର ଏକ ବିଚିତ୍ର ଘଟଣା ଘଟିଥିଲା। ଜଣେ ବ୍ୟକ୍ତିଙ୍କ ମୃତଦେହ ନେବା ଜିଦ୍‌ରେ ମୁହାଁମୁହିଁ ହୋଇଥିଲେ ଦୁଇ ଜଣ ମହିଳା। ଉଭୟ ନିଜକୁ ମୃତକଙ୍କ ପତ୍ନୀ ବୋଲି ଦାବି କରି ଏଭଳି ଝାମେଲା ସୃଷ୍ଟି କରିଥିଲେ। ବ୍ୟବଚ୍ଛେଦ ଗୃହ ନିକଟରେ ଦୁଇ ଘଣ୍ଟା ଧରି ମୃତଦେହ ପଡ଼ି ରହିଥିଲା। ପରେ ମେଡିକାଲ କର୍ତ୍ତୃପକ୍ଷ, ଫାଣ୍ଡି ଅଧିକାରୀଙ୍କ ହସ୍ତକ୍ଷେପ ଯୋଗୁଁ ଏହି ବିବାଦ ତୁଟିଥିଲା। ଶେଷରେ ମୃତ ବ୍ୟକ୍ତିଙ୍କ ମା'ଙ୍କୁ ମୃତଦେହ ହସ୍ତାନ୍ତର କରାଯାଇଛି।

ଘଟଣାରୁ ପ୍ରକାଶ ଯେ, ଖୋର୍ଦ୍ଧା ବେଗୁନିଆ ଅଞ୍ଚଳର ୩୨ବର୍ଷୀୟ ଅଭୟ କୁମାର ବେହେରା ଏସ୍‌ସିବି ନ୍ୟୁରୋସର୍ଜରୀ ବିଭାଗରେ ଚିକିତ୍ସିତ ହେଉଥିଲେ। ଅଭୟ ନଖରା ଟ୍ରାଫିକ ଥାନାରେ କନଷ୍ଟେବଲ ଭାବେ କାର୍ଯ୍ୟ କରୁଥିଲେ। ଶନିବାର ବିଳମ୍ବିତ ରାତିରେ ଡ୍ୟୁଟି କରୁଥିବା ବେଳେ ଏକ ଟ୍ରକ୍ ଧକ୍କାରେ ଅଭୟ ଗୁରୁତର ହୋଇ ପଡ଼ିଥିଲେ। ଚିକିତ୍ସା ନିମନ୍ତେ ତାଙ୍କୁ ଏସସିବି ଅଣାଯାଇଥିଲା। ମଙ୍ଗଳବାର ରାତି ପ୍ରାୟ ୧୧ଟାରେ ଅଭୟ ଚିକିତ୍ସାଧିନ ଅବସ୍ଥାରେ ଶେଷ ନିଃଶ୍ୱାସ ତ୍ୟାଗ କରିଥିଲେ। ବୁଧବାର ପୂର୍ବାହ୍ନରେ ଅଭୟଙ୍କ ମୃତଦେହକୁ ଶବ ବ୍ୟବଚ୍ଛେଦ ଗୃହକୁ ଅଣାଯାଇଥିଲା। ବ୍ୟବଚ୍ଛେଦ ପରେ ମୃତଦେହ ସକାଳ ପ୍ରାୟ ୧୧.୩୦ରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯିବା ବେଳେ ଏଭଳି ଅସ୍ୱାଭାବିକ ପରିସ୍ଥିତି ସୃଷ୍ଟି ହୋଇଥିଲା। ଦୁଇ ଜଣ ମହିଳା ସେଠାରେ ଉପସ୍ଥିତ ରହି ମୃତଦେହ ନେବାକୁ ଜିଦ୍ ଧରି ବସିଥିଲେ। ଏହାକୁ ନେଇ ସେଠାରେ ଉତ୍ତେଜନାମୂଳକ ପରିସ୍ଥିତି ଦେଖା ଦେଇଥିଲା।

ମିଳିଥିବା ସୂଚନା ମୁତାବକ, ୨୦୧୬ ମସିହାରେ ଅଭୟ ପୁରୀ ପୁଲିସର ୱେୟାରଲେସ୍ ଟେଲିଫୋନିକ ବିଭାଗରେ କାର୍ଯ୍ୟ କରୁଥିବା ବେଳେ ପ୍ରେମ ବିବାହ କରିଥିଲେ। ପ୍ରଥମ ପତ୍ନୀଙ୍କର ଏକ ୭ ବର୍ଷର ପୁଅ ଅଛି। ବିବାହର କିଛି ମାସ ପରେ ଉଭୟଙ୍କ ଭିତରେ ମନୋମାଳିନ୍ୟ ଦେଖା ଦେଇଥିଲା। ଯେଉଁଥିପାଇଁ ଅଭୟ ବିବାହ ବିଚ୍ଛେଦ କରିବାକୁ ନିଷ୍ପତ୍ତି ନେବା ସହ କୋର୍ଟର ଦ୍ୱାରସ୍ଥ ହୋଇଥିଲେ। ଅଭୟଙ୍କ ପକ୍ଷରୁ ହୋଇଥିବା ଛାଡପତ୍ର ମାମଲା କୋର୍ଟରେ ବିଚାରଧିନ ରହିଛି। ୨୦୧୭ରେ ଅଭୟ ଦ୍ୱିତୀୟ ବିବାହ କରିଥିଲେ। ଦ୍ୱିତୀୟ ପତ୍ନୀ ଅଭୟ ଓ ପରିବାର ଲୋକଙ୍କ ସହ ରହୁଥିଲେ। ତେବେ ତାଙ୍କର ମୃତ୍ୟୁ ଘଟିବା ପରେ ଦୁଇ ପତ୍ନୀ ମୃତଦେହ ନେବା ପାଇଁ କଳି କରିଥିଲେ। ପୁଅ ଦ୍ୱାରା ଶେଷକୃତ୍ୟ ସମ୍ପନ୍ନ କରିବାକୁ ପ୍ରଥମ ପତ୍ନୀ ଜିଦ୍ ଧରିଥିବା ବେଳେ ଏହାକୁ ଅମାନ୍ୟ କରି ମୃତଦେହ ନେବାକୁ ଦାବି କରିଥିଲେ ଦ୍ୱିତୀୟ ପତ୍ନୀ। ବଡ ମେଡିକାଲର ଅଧିକାରୀ ଓ ପୁଲିସର ହସ୍ତକ୍ଷେପ ଦ୍ୱାରା ବିବାଦର ସମାଧାନ ହୋଇଥିଲା। ଅଭୟଙ୍କ ମା' ଅହଲ୍ୟା ବେହେରାଙ୍କୁ ଶେଷରେ ପୁଅର ମୃତଦେହ ହସ୍ତାନ୍ତର କରାଯାଇଥିଲା।

**ଛିଣ୍ଡିଲାନି ବିବାଦ; ମା'ଙ୍କୁ ଦିଆଗଲା ପୁଅର ମୃତଦେହ**

**ଶବ ବ୍ୟବଚ୍ଛେଦ ଗୃହ ନିକଟରେ ଉତ୍ତେଜନା**

## ବିଶିଷ୍ଟ ଶ୍ରମିକ ନେତା ରାମଚନ୍ଦ୍ର ବେହେରାଙ୍କ ପରଲୋକ

କଟକ, ୨୭।୩(ସମିସ)



ବିଶିଷ୍ଟ ଶ୍ରମିକ ନେତା ଓ ବରିଷ୍ଠ ବାମପନ୍ଥୀ ନେତା, କଟକ ପ୍ରେସ ଶ୍ରମିକ ୟୁନିଅନରର ଉପସଭାପତି ରାମଚନ୍ଦ୍ର ବେହେରାଙ୍କର ୭୫ ବର୍ଷ ବୟସରେ କଟକର ଏକ ଘରୋଇ ଡାକ୍ତରଖାନାରେ ପରଲୋକ ହୋଇଯାଇଛି। ମୃତ୍ୟୁଶଯ୍ୟା ନିକଟରେ ତାଙ୍କର ଏକମାତ୍ର ପୁତ୍ର ପ୍ରିୟରଞ୍ଜନ, ବୋହୂ ମଧୁସ୍ମିତା, ଦୁଇ ନାତୁଣୀ ଉପସ୍ଥିତ ଥିଲେ। ମୃତ୍ୟୁ ଖବର ପାଇ ମେୟର ସୁବାସ ସିଂହ, ବିଜେଡି କଟକ ଜିଲ୍ଲା କାର୍ଯ୍ୟକାରୀ ସଭାପତି ପ୍ରଫୁଲ୍ଲ ସିଂହ, ସିପିଆଇ କଟକ ଜିଲ୍ଲା ସମ୍ପାଦକ ବିନୋଦ ବେହେରା, ନଗର ସମ୍ପାଦକ ପ୍ରସନ୍ନ ମହାପାତ୍ର, ଏଆଇଟିୟୁସି ଜିଲ୍ଲା ସଭାପତି କିଶୋର ଜେନା, ବ୍ୟାଙ୍କ କର୍ମଚାରୀ ନେତା ଭ୍ରମରବର ସାହୁ, ଅଶୋକ, ସାନନ୍ଦ ସେଠୀ, ରମେଶ ଚନ୍ଦ୍ର ଦାସ, ହଳଧର ସାହୁ ପ୍ରମୁଖ ଶେଷ ଦର୍ଶନ କରି ଶ୍ରଦ୍ଧାଞ୍ଜଳି ଜଣାଇଥିଲେ। ତାଙ୍କ ମୃତ୍ୟୁରେ ସିପିଆଇ ରାଜ୍ୟ ସମ୍ପାଦକ ଅଭୟ ସାହୁ, ଏଆଇଟିୟୁସି ରାଜ୍ୟ ସାଧାରଣ ସମ୍ପାଦକ ବିଜୟ ଜେନା, ପ୍ରେସ ଶ୍ରମିକ ୟୁନିଅନର ସଭାପତି ବିଜୟ କୁମାର ପଢ଼ିଆରୀ, ବରିଷ୍ଠ ସାମ୍ବାଦିକ ଡ. ସତ୍ୟ ରାୟ, ପୂର୍ବତନ ବିଧାୟକ ପ୍ରଭାତ ରଞ୍ଜନ ବିଶ୍ୱାଳ, ବିଧାୟକ ମହମ୍ମଦ ମୋକିମ, ଇସକଫର ସାଧାରଣ ସମ୍ପାଦକ ସଞ୍ଜୟ ପରିଜା, ବ୍ୟାଙ୍କ କର୍ମଚାରୀ ନେତା ପ୍ରଫୁଲ୍ଲ ତ୍ରିପାଠୀ, କଟକ ଶାନ୍ତି କମିଟିର ସାଧାରଣ ସମ୍ପାଦକ ଭିକାରୀ ଦାସ, ପ୍ରେସ କର୍ମଚାରୀ ସଂଘର ସାଧାରଣ ସମ୍ପାଦକ ମଧୁସୂଦନ କର ଓ ସମ୍ପାଦକ ରବୀନ୍ଦ୍ର ନାଥ ଜେନା ପ୍ରମୁଖ ଶୋକ ପ୍ରକାଶ କରିଛନ୍ତି। ସତୀଚଉରା ଠାରେ ତାଙ୍କର ଶେଷକୃତ୍ୟ ସମ୍ପନ୍ନ କରାଯାଇଥିଲା।

## ଦୁଇ ରେଳଯାତ୍ରୀଙ୍କୁ ମୋବାଇଲ ଫେରସ୍ତ

**କଟକ, ୨୭।୩(ସମିସ):** ଟ୍ରେନରେ ଛାଡି ଯାଇଥିବା ଦୁଇଟି ମୋବାଇଲ ଫେରିପାଇଛନ୍ତି ଦୁଇ ଜଣ ରେଳଯାତ୍ରୀ। ଆରପିଏଫ ମୋବାଇଲ ଦୁଇଟିକୁ ପାଇ ବୁଧବାର ଯାତ୍ରୀ ଦ୍ୱୟଙ୍କୁ ଫେରସ୍ତ କରିଛି। ସୂଚନା ମୁତାବକ, ହୋଲି ପର୍ବ ପାଇଁ କଟକ ଆରପିଏଫ ପକ୍ଷରୁ ସୁରକ୍ଷା ବ୍ୟବସ୍ଥା କଡାକଡି କରାଯାଇଥିଲା। ହୋଲି ଛୁଟି ପାଇଁ ବାହାର ରାଜ୍ୟରେ ରହୁଥିବା ବହୁ ଲୋକ ନିଜ ଟ୍ରେନ ଯୋଗେ ଘରକୁ ଫେରୁଥିଲେ। ରେଳଯାତ୍ରୀଙ୍କ ସୁରକ୍ଷାକୁ ଦୃଷ୍ଟିରେ ରଖି ଗତ ତିନି ଦିନ ହେଲା ଆରପିଏଫ ପକ୍ଷରୁ ଜୋରଦାର ଯାଞ୍ଚ କରାଯାଉଥିଲା। ଏହି ସମୟରେ ଦୁଇ ଭିନ୍ନ ଭିନ୍ନ ଟ୍ରେନରୁ ଏକ କିଟବ୍ୟାଗ ଏବଂ ଦୁଇଟି ଦାମୀ ମୋବାଇଲ ସୁଇଚ ଅଫ୍ ଅବସ୍ଥାରେ ମିଳିଥିଲା। ଆରପିଏଫ ଟିମ ଉକ୍ତ ମୋବାଇଲ ଦୁଇଟିକୁ ଅନ କରିବାରୁ ଦୁଇ ରେଳଯାତ୍ରୀଙ୍କ କଲ ଆସିଥିଲା। ବୁଧବାର ଦୁଇ ଜଣ ଯୁବକ କଟକ ଆରପିଏଫ ପୋଷ୍ଟକୁ ଆସି ନିଜର ମୋବାଇଲ ଓ ଅନ୍ୟାନ୍ୟ ଜିନିଷ ଫେରିପାଇଛନ୍ତି। ତନ୍ମଧ୍ୟରେ ଭଦ୍ରକ ଚାନ୍ଦବାଲିର ଅରୁଣ ଦାସ ଓ ଜଗତସିଂହପୁରର ଦିପ୍ତିକାନ୍ତ ସ୍ୱାଇଁ ଅଛନ୍ତି।

## ୪୩ ରେଳଯାତ୍ରୀ ଗିରଫ

କଟକ, ୨୭।୩(ସମିସ)

ବେଆଇନ ଏବଂ ବିପଦଜ୍ଜନକ ଅବସ୍ଥାରେ ଯାତ୍ରା କରୁଥିବା ୪୩ ଜଣ ରେଳଯାତ୍ରୀଙ୍କୁ ଆରପିଏଫ ଗିରଫ କରିଛି। ବୁଧବାର ଦିନତମାମ ଆରପିଏଫ ଟିମ କଟକ ରେଳ ଷ୍ଟେସନର ପ୍ଲାଟଫର୍ମ ଓ ବିଭିନ୍ନ ଟ୍ରେନରେ ଯାଞ୍ଚ କରିଥିଲା। ଏହି ସମୟରେ ବିନା ଟିକଟରେ ମହିଳା ଓ ଦିବ୍ୟାଙ୍ଗଙ୍କ ପାଇଁ ସଂରକ୍ଷିତ ସିଟରେ ବସିଥିବା ୪୩ ଜଣ ରେଳଯାତ୍ରୀ ଧରାପଡ଼ିଥିଲେ। ସେମାନଙ୍କ ମଧ୍ୟରୁ କିଛି ଯାତ୍ରୀ ଟ୍ରେନ ଫାଟକ ମୁହଁରେ ବିପଦଜ୍ଜନକ ଅବସ୍ଥାରେ ଯାଉଥିଲେ। ଏହି ଖିଲାପକାରୀମାନଙ୍କୁ ଆରପିଏଫ ଗିରଫ କରି ସ୍ୱତନ୍ତ୍ର ରେଳବାଇ ମାଜିଷ୍ଟ୍ରେଟଙ୍କ କୋର୍ଟରେ ହାଜର କରାଇଥିଲା। କୋର୍ଟଙ୍କ ନିର୍ଦ୍ଦେଶକ୍ରମେ ୧୬ହଜାର ୮ଶହ ଟଙ୍କା ଜୋରିମାନା ଆଦାୟ ପରେ ସମସ୍ତଙ୍କୁ ଛାଡି ଦିଆଯାଇଛି।




## ସିଏମ୍‌ସି ୯ନଂ ୱାର୍ଡ ବୁଥସ୍ତରୀୟ କର୍ମୀ ସମିଳନୀ

**କଟକ, ୨୭ ।୩(ସମିସ):** କଟକ ମହାନଗର ନିଗମ (ସିଏମସି) ୱାର୍ଡ ନମ୍ବର-୯ରେ ବୁଥସ୍ତରୀୟ କର୍ମୀ ସମିଳନୀ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମେୟର ସୁବାସ ସିଂ ଯୋଗଦାନ କରି କହିଥିଲେ ଯେ କଟକ ବଦଳୁଛି ଓ ରୁପାନ୍ତୀକରଣ କାର୍ଯ୍ୟ ଦିବା ରାତ୍ର ଚାଲିଛି। କନିକା ଛକ ମୁଖ୍ୟ ରାସ୍ତାକୁ ଚାରି ଥାକିଆ କରିବା ପାଇଁ ଜମି କିଣିବା ଓ ଡ୍ରେନ ନିର୍ମାଣ ତଥା ଆଲୋକିକରଣ ଆଦି କାର୍ଯ୍ୟ କ୍ଷୀପ୍ର ଗତିରେ ଆଗେଇ ଚାଲିଛି। ପ୍ରତ୍ୟେକ ୱାର୍ଡରେ ରାସ୍ତା ଘାଟ, ଡ୍ରେନ, ଅଙ୍ଗନବାଡ଼ି ଘର ନିର୍ମାଣ କରାଯାଉଛି ବୋଲି ମେୟର ଶ୍ରୀ ସିଂ ପ୍ରକାଶ କରିଥିଲେ। ଏହି ସମ୍ମିଳନୀରେ ସ୍ଥାନୀୟ କର୍ପୋରେଟର ବିକାଶ ରଞ୍ଜନ ବେହେରା, ବରିଷ୍ଠ ବିଜେଡି ନେତା ପ୍ରଫୁଲ୍ଲ ବେହେରା, ଦିଲୀପ କୁମାର ଦାସ, ରମେଶ ମଲ୍ଲିକ, ସମସ୍ତ ବୁଥସ୍ତରୀୟ ଅଧିକାରୀ, ସ୍ଥାନୀୟ ଯୁବକ/ଯୁବତୀମାନେ ଉପସ୍ଥିତ ଥିଲେ।

## ବିଧାୟକଙ୍କ କ୍ରିମିନାଲ କୋର୍ଟ୍ସ ବାର ଆସୋସିଏସନ ପରିଦର୍ଶନ



**କଟକ, ୨୭ ।୩(ସମିସ):** ଆଜି ଅପରାହ୍ନରେ ବିଧାୟକ ମହମ୍ମଦ ମୋକିମ କ୍ରିମିନାଲ କୋର୍ଟ୍ସ ବାର ଆସୋସିଏସନ ପରିଦର୍ଶନ କରିବା ସହିତ ନୂଆ ଡିଜିଟାଲ ଗେଟ ବୁଲି ଦେଖିଥିଲେ। ଏହି ଅବସରରେ ବିଧାୟକ ମୋକିମ ଆଇନଜୀବୀଙ୍କ ସହ ବାରର ଉନ୍ନତିମୂଳକ କାର୍ଯ୍ୟ ବିଷୟରେ ଆଲୋଚନା କରିଥିଲେ। ଏହି ଅବସରରେ କ୍ରିମିନାଲ କୋର୍ଟ୍ସ ବାର ଆସୋସିଏସନ ସଭାପତି ଧ୍ରୁବଚରଣ ରାଉତ, ରାଜ୍ୟ ଆଇନ ପରିଷଦର ପୂର୍ବତନ ସଭ୍ୟ ଅଜୟ କୁମାର ବରାଳ, ରାଜ୍ୟ ଆଇନଜୀବୀ ପରିଷଦର ସଭ୍ୟ ସୌରଚନ୍ଦ୍ର ମହାପାତ୍ର, ତପନ ବେହେରା, ସ୍ମୃତି ରଞ୍ଜନ ରାଉତ, ହରିପ୍ରସାଦ ଓଝା, ନରେନ୍ଦ୍ର କୁମାର ସାହୁ, ଅକ୍ଷୟ ନାୟକ, ସ୍ୱାତୋଷ ଲେଙ୍କା, ପ୍ରଶାନ୍ତ ସାହୁ, ପୂର୍ବତନ ସମ୍ପାଦକ ସୁବାଷ ମହାନ୍ତି, କୈଳାସ ଚନ୍ଦ୍ର ବରାଳ, ଶରତ ଚନ୍ଦ୍ର ପ୍ରଧାନ, ମୁକ୍ତିକାନ୍ତ ଦାସ ପ୍ରମୁଖ ଉପସ୍ଥିତ ଥିଲେ।

## ଜଷ୍ଟିସ ଏମ୍‌ଏସ୍ ରମଣଙ୍କ ପିତୃ ବିୟୋଗ



**କଟକ, ୨୭ ।୩(ସମିସ):** ଓଡ଼ିଶା ହାଇକୋର୍ଟର ବିଚାରପତି ଜଷ୍ଟିସ ମୁରହରି ଶ୍ରୀ ରମଣଙ୍କ ପିତା ମୁରହରି ରାଓ ବିଦ୍ୟା ମନୋହର ରାଓ (୮୭)ଙ୍କ ଏସସିବି ମେଡିକାଲରେ ଚିକିତ୍ସାଧୀନ ଅବସ୍ଥାରେ ପରଲୋକ ଘଟିଛି। ତାଙ୍କ ପରଲୋକ ଖବର ପାଇ ହାଇକୋର୍ଟର ବରିଷ୍ଠ ବିଚାରପତି ଜଷ୍ଟିସ ଡଃ ବିଦ୍ୟୁତ ରଞ୍ଜନ ଷଡଙ୍ଗୀଙ୍କ ସମେତ ଅନ୍ୟ ବିଚାରପତି ମାନେ ଶେଷ ଦର୍ଶନ କରି ଶ୍ରଦ୍ଧାଞ୍ଜଳି ଜଣାଇଛନ୍ତି। ସ୍ୱର୍ଗତ ରାଓ ଓ ତାଙ୍କର ପୁତ୍ର ମିଳିତ ଭାବେ ଅନେକ ଆଇନ ପୁସ୍ତକର ସଙ୍କଳନ କରିଛନ୍ତି। ସେ ଜଣେ ଦକ୍ଷ ପ୍ରଶାସକ(ଓଏଫଏସ) ଭାବେ ସରକାରଙ୍କ ବିଭିନ୍ନ ବିଭାଗରେ ବହୁ ଗୁରୁତ୍ୱପୂର୍ଣ୍ଣ ପଦରେ କାର୍ଯ୍ୟ କରିଛନ୍ତି। ଓଡ଼ିଶା ବିକ୍ରି କର ଟ୍ରିବ୍ୟୁନାଲର ଆକାଉଣ୍ଟସ ମେମ୍ବର ପଦରୁ ୧୯୯୫ମସିହାରେ ଅବସର ନେଇଥିଲେ। ମୃତ୍ୟୁଖବର ପାଇ ଆଡଭୋକେଟ ଜେନେରାଲ ଅଶୋକ କୁମାର ପରିଜା, ପୂର୍ବତନ ଆଡଭୋକେଟ ଜେନେରାଲ ଅଶୋକ ମହାନ୍ତି, ବରିଷ୍ଠ ଆଇନଜୀବୀ ସୂର୍ଯ୍ୟକାନ୍ତ ପାଢ଼ୀ, ହାଇକୋର୍ଟ ରେଜିଷ୍ଟ୍ରାର ଅଧିକାରୀ ଓ କର୍ମଚାରୀ, ବିଭିନ୍ନ ନ୍ୟାୟାଳୟର ବିଚାରପତି, ଆଇନଜୀବୀ ଓ ଆତ୍ମୀୟସ୍ୱଜନ ବାଲିଯାତ୍ରା ପଡ଼ିଆ ନିକଟସ୍ଥ ସରକାରୀ ବାସଭବନରେ ପହଞ୍ଚି ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ପୁରୀ ସ୍ୱର୍ଗଦ୍ୱାର ଠାରେ ଶେଷକୃତ୍ୟ ସମ୍ପନ୍ନ ହୋଇଛି ଓ ପୁତ୍ର ବିଚାରପତି ଶ୍ରୀ ରମଣ ମୁଖାଗ୍ନି ଦେଇଥିଲେ।

## କଟକ କ୍ଲବରେ ସ୍ୱାସ୍ଥ୍ୟ ଶିବିର



**କଟକ, ୨୭।୩(ସମିସ):** କଟକ କ୍ଲବରେ ନିଃଶୁଳ୍କ ସ୍ୱାସ୍ଥ୍ୟ ଶିବିର ଓ ଟୀକାକରଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ବରିଷ୍ଠ ଚିକିତ୍ସକମାନେ ଯୋଗ ଦେଇ ୨୦୦ରୁ ଅଧିକ ଲୋକଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରିଥିଲେ। କ୍ଲବର ସଭାପତି ପ୍ରଫେସର ଡାକ୍ତର ଜୟନ୍ତ ପଣ୍ଡାଙ୍କ ନେତୃତ୍ୱରେ ଶିବିର ଆୟୋଜନ ହୋଇଥିଲା। ପ୍ରଫେସର ଡାକ୍ତର ନିରଞ୍ଜନ ତ୍ରିପାଠୀ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଶିବିର ଉଦ୍‌ଘାଟନ କରିଥିଲେ। ପ୍ରଫେସର ଡାକ୍ତର ନିର୍ମଳ ଚନ୍ଦ୍ର ମହାପାତ୍ର, ପ୍ରଫେସର ଡାକ୍ତର ଶାରଦା ସ୍ୱାଇଁ, ଡାକ୍ତର ଅରୁଣା ଆଚାର୍ଯ୍ୟ, ପ୍ରଫେସର ଡାକ୍ତର ଜନ୍ମେଜୟ ମହାପାତ୍ର, ଡାକ୍ତର ସୁଧାଂଶୁ ସେଠୀ, ଡାକ୍ତର ସଞ୍ଜୟ ବେହେରା, ଡାକ୍ତର ଦେବାଶିଷ ମାହାଳି, ଡାକ୍ତର ସଞ୍ଜୟ ରାମ ପ୍ରମୁଖ ସ୍ୱାସ୍ଥ୍ୟ ପରୀକ୍ଷା କରାଇଥିଲେ। ଚକ୍ଷୁ ପରୀକ୍ଷା ସମେତ ଇସିଜି, ଏକ୍ସରେ, ଫାଇବ୍ରୋସ୍କାନ ପିଏଫଟି, ମଧୁମେହ, ଥାଏରଏଡ, ଯକୃତ ରୋଗ, ଆନେମିଆ ଆଦି ସ୍ୱାସ୍ଥ୍ୟ ପରୀକ୍ଷା ହୋଇଥିଲା। ହର୍ପିସ, ନିମୋନିଆ, ଟାଇଫଏଡ, କାର୍ସିନୋମା ସର୍ଭିକ୍ସ ଆଦି ଟୀକା ଦିଆଯାଇଥିଲା।

# କଟକ ସିଟି



# ରଙ୍ଗରେ ରଙ୍ଗୀନ ହେଲା ରୌପ୍ୟ ନଗରୀ











**କଟକ,୨୭।୩(ସମିସ):** କଟକ ସହରରେ ରଙ୍ଗର ପର୍ବ ହୋଲି ଉତ୍ସବ ଆନନ୍ଦ ଉଲ୍ଲାସର ସହ ପାଳିତ ହୋଇଯାଇଛି। ବାଉନ ବଜାର ତେପନ ଗଳିର ସହରରେ ଆବାଳ ବୃଦ୍ଧବନିତା ପରସ୍ପରକୁ ରଙ୍ଗ ବୋଳି ହୋଲିର ଶୁଭେଚ୍ଛା ଜଣାଇଥିଲେ। ସହରର ବିଭିନ୍ନ ସ୍ଥାନରେ ସାଂସ୍କୃତିକ କାର୍ଯ୍ୟକ୍ରମର ଆସର ଜମିଥିଲା। ସହରରେ ଶାନ୍ତିଶୃଙ୍ଖଳା ରକ୍ଷା କରିବା ପାଇଁ ବିଭିନ୍ନ ସ୍ଥାନରେ ପୁଲିସ ଫୋର୍ସ ମୁତୟନ କରାଯାଇଥିଲା। ତେବେ ସହରରେ ଶାନ୍ତିପୂର୍ଣ୍ଣ ଭାବେ ହୋଲି ଉତ୍ସବ ପାଳନ ହୋଇଥିବା ବେଳେ କୌଣସି ଅଘଟଣ ଘଟି ନ ଥିଲା।

## ମେୟରଙ୍କ ବାସଭବନରେ ହୋଲି ଉତ୍ସବ

କଟକ ମେୟର ସୁବାସ ସିଂହଙ୍କ ବାସଭବନରେ ହୋଲି ଉତ୍ସବ ପାଳନ କରାଯାଇଛି। ମହାନଗର ନିଗମର ସମସ୍ତ ଷ୍ଟାଣ୍ଡିଙ୍ଗ କମିଟି ଅଧ୍ୟକ୍ଷ, ଅଧ୍ୟକ୍ଷା, କର୍ପୋରେଟର, କଟକ ଶାନ୍ତି କମିଟି ଓ ପୂଜା କମିଟି, ବିଭିନ୍ନ କ୍ଲବ୍, ଆଇନଜୀବୀ ମାନେ ଅଂଶଗ୍ରହଣ କରିଥିଲେ। ଏହି ଅବସରରେ ଜମିଥିଲା ବିଭିନ୍ନ ଖାଦ୍ୟପେୟର ପସରା। ମେୟର ଶ୍ରୀ ସିଂହଙ୍କ ସମେତ ଡେପୁଟି ମେୟର ସୁଶ୍ରୀ ଦମୟନ୍ତୀ ମାଝୀ, ଷ୍ଟାଣ୍ଡିଙ୍ଗ କମିଟି ଅଧ୍ୟକ୍ଷ ପ୍ରଦୀପ ଖୁଣ୍ଟିଆ, ପ୍ରଜ୍ଞା ବେହେରା, ମୋନାଲିସା ଦାସ, ଦିପ୍ତିମୟୀ ମୂଳିଆ, ବରିଷ୍ଠ କର୍ପୋରେଟର ବିକାଶ ବେହେରା, ଇଂ ଚୌଧୁରୀ ସୁବ୍ରତ ଘଡାଇ, ବସନ୍ତ ବେହେରା, ପ୍ରଦୀପ ରାଉତ୍, ପ୍ରିୟମ୍ବଦା ମହାନ୍ତି, ସୌମେନ୍ଦ୍ର ସାହୁ, କର୍ପୋରେଟର ସନ୍ତୋଷ ବଳ, ଦେବାଶିଷ ପଟ୍ଟନାୟକ, କର୍ପୋରେଟର ଗୋପାଳ ବେହେରା, ଲକ୍ଷ୍ମୀଧର ବେହେରା, ଶାନ୍ତି କମିଟି ସଭାପତି ଦେବେନ୍ଦ୍ର ସାହୁ, ସମ୍ପାଦକ ଭିକାରୀ ଦାସ, ପୂର୍ବାଞ୍ଚଳ ଶାନ୍ତି କମିଟି ସମ୍ପାଦକ ପ୍ରଫୁଲ୍ଲ ସାହୁ,



ଦେବାଶିଷ ରାୟ, ବିଜେଡି ନେତା ତାପସ ମହାନ୍ତି, ମିତାଲି ଭଞ୍ଜ, ଶ୍ରମିକ ନେତା ରାଜୀବ ମହାନ୍ତି, ଦେବେନ୍ଦ୍ର ପାଣିଗ୍ରାହୀ, ଜଗନ୍ନାଥ ସ୍ୱାଇଁ, ମହମ୍ମଦ ଶକିଲ ଅଖତର, ବିନୋଦ ପଣ୍ଡା, କାଳୀଚରଣ ପାଣିଗ୍ରାହୀ, ସୟିଦ ଶେଖାୱତ ଅଲି ପ୍ରମୁଖ ଉପସ୍ଥିତ ଥିଲେ।

## ସୂର୍ଯ୍ୟବିହାର ଜେନିଥ କ୍ଲବ୍



ଲିଙ୍କରୋଡ ସ୍ଥିତ ସୂର୍ଯ୍ୟବିହାର ଜେନିଥ କ୍ଲବରେ ଗଣପର୍ବ ହୋଲି ବହୁତ ଆନନ୍ଦ ଓ ଉଲ୍ଲାସ ସହ ପାଳିତ ହୋଇଯାଇଛି। ଏଥିରେ ସୂର୍ଯ୍ୟବିହାରର ସମସ୍ତ ପରିବାର ଏକତ୍ରିତ ହୋଇ ହୋଲି ଉତ୍ସବକୁ ଉପଭୋଗ କରିଥିଲେ। ଚୌଦ୍ୱାର କଟକ ବିଧାୟକ ସୌଭିକ ବିଶ୍ୱାଳ ଓ କର୍ପୋରେଟର ଗୋପାଳ ଚନ୍ଦ୍ର ବେହେରା ମଧ୍ୟ ଉପସ୍ଥିତ ଥିଲେ। ଜେନିଥ କ୍ଲବର ସମ୍ପାଦକ ଅମୀୟ କୁମାର ସାହୁ, ସଭାପତି ସଞ୍ଜୀବ କୁମାର ପ୍ରହରାଜ, ପ୍ରଫେସର ଡକ୍ଟର ପ୍ରଦୋଷ ପଟ୍ଟନାୟକ, ସୁନୀଲ କୁମାର ଦାସ, ରବୀନ୍ଦ୍ର କୁମାର କର ମହାପାତ୍ର, ଅବନୀନ୍ଦ୍ର ସାମନ୍ତରାୟ, ଲିଟୁ ସାହୁ, ସୌମେନ ବାନାର୍ଜୀ, ଅଭିଷେକ ମହାପାତ୍ର, ଯଯାତି ରାଉତ, ଦେବାଶିଷ ବେହେରା, ଜ୍ୟୋତିପ୍ରକାଶ ତ୍ରିପାଠୀ, କ୍ରିଷ୍ଣା ମହାପାତ୍ର, ଡକ୍ଟର ସୁମୀତ ଦାସ, ସୁସ୍ମିତ ଦାସ ପ୍ରମୁଖ ଉପସ୍ଥିତ ଥିଲେ। ଜେନିଥ କ୍ଲବ୍ ମହିଳା ଶାଖାର ମୀନା କୁମାରୀ ସାହୁ, ମୁନୁ ପ୍ରହରାଜ, ରଞ୍ଜିତା ଦାସ, ସ୍ୱସ୍ତୀ ବାନାର୍ଜୀ, ଲୀନା ସାହୁ, ସୁମିତ୍ରା କର ମହାପାତ୍ର, କସ୍ତୁରୀ ପ୍ରଧାନ, ନାନସୀ ତ୍ରିପାଠୀ, ସୁମିତ୍ରା ମହାନ୍ତି ପ୍ରମୁଖ ସହଯୋଗ କରିଥିଲେ।

## ପତଞ୍ଜଳି ଯୋଗପୀଠ ପକ୍ଷରୁ ହୋଲି ଉତ୍ସବ

ପତଞ୍ଜଳି ଯୋଗପୀଠ ଆନୁକୁଲ୍ୟରେ ଜିଲ୍ଲା ସଂଗଠନ ପକ୍ଷରୁ ହୋଲି ଉତ୍ସବ ପାଳିତ ହୋଇଯାଇଛି। ରାଜ୍ୟ ପ୍ରଭାରୀ ସ୍ୱଙ୍ଗ ପ୍ରକାଶ ମହାପାତ୍ର ଓ ସୁନୀଲ



ଶର୍ମାଙ୍କ ପୌରୋହିତ୍ୟରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଜିଲ୍ଲା ପ୍ରଭାରୀ ଶିଶିର ଜେନା, ନିମାଇଁ ଜେନା, ସମୀର ନାୟକ, ସ୍ୱରୂପ ସାହୁ, କିଶୋର ସାଗର, ସବିତା ପରିଡ଼ା, ସୁରଭି ରାଉତ, ମମତା ମହାପାତ୍ର, କବିତା କରଣ, ଗୀତାଞ୍ଜଳି ଶତପଥୀ, ଡଃ ଜୟନ୍ତୀବାଳା ମହାନ୍ତି, ସରୋଜିନୀ ସାହୁ, ରଶ୍ମିତା ବସ୍ତିଆ, ନିତାଇ ବଳ, ଆଶିଷ ହାଲଦାର, ଅମୂଲ୍ୟ ମହାନ୍ତି, ମହେନ୍ଦ୍ର ତ୍ରିପାଠୀ, ଗଜେନ୍ଦ୍ର ସ୍ୱାଇଁ, ପ୍ରମୋଦ ଦାଶ, ପ୍ରସନ୍ନ ଭୂୟାଁ, ବନ୍ଦିତା ମହାପାତ୍ର, ରାମଚନ୍ଦ୍ର ରାଉତ, ଅଭୟ ରଣା ଓ ସନ୍ତୋଷ ରାୟ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ବିଶିଷ୍ଟ ସମାଜସେବୀ ରବି ନାରାୟଣ ସାହୁଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ସତ୍ୟ ରଞ୍ଜନ ଷଡ଼ଙ୍ଗୀ ଧନ୍ୟବାଦ ଦେଇଥିଲେ।

## ଖାଦ୍ୟ ବଣ୍ଟନ କାର୍ଯ୍ୟକ୍ରମ



ପ୍ରତିବର୍ଷ ପରି ଏଥର ମଧ୍ୟ ହୋଲି ଉପଲକ୍ଷେ ଏସ୍‌ସିବି ମେଡିକାଲ, ଆଚାର୍ଯ୍ୟ ହରିହର ସ୍ନାତକୋତ୍ତର କର୍କଟ ପ୍ରତିଷ୍ଠାନର ରୋଗୀଙ୍କ ନିମନ୍ତେ ବିଶାଳ ଖାଦ୍ୟ ବଣ୍ଟନ କାର୍ଯ୍ୟକ୍ରମ ଆୟୋଜନ ହୋଇଥିଲା। ବିଶିଷ୍ଟ ସାମାଜିକ କର୍ମୀ ଅଭିମନ୍ୟୁ ଦାସଙ୍କ ନେତୃତ୍ୱରେ ହୋଇଥିବା ଏହି କାର୍ଯ୍ୟକ୍ରମରେ ୫ହଜାର ଲୋକଙ୍କୁ ଖାଦ୍ୟ ପ୍ରଦାନ କରାଯାଇଥିଲା। ତେବେ ଚଳିତ ବର୍ଷର କାର୍ଯ୍ୟକ୍ରମକୁ ଦିବଂଗତ ଡାକ୍ତର ଭୁବନାନନ୍ଦ ମହାରଣାଙ୍କ ସ୍ମୃତିରେ ଉତ୍ସର୍ଗ କରାଯାଇଥିଲା। କାର୍ଯ୍ୟକ୍ରମରେ ବରିଷ୍ଠ ସମାଜସେବୀ କବିତା ମହାପାତ୍ର, ଅଶୋକ ବେହେରା, ଅରକ୍ଷିତ ସାହୁଙ୍କ ସମେତ ସହରର ବିଭିନ୍ନ ସମାଜସେବୀ ଏବଂ ବିଭିନ୍ନ ସାମାଜିକ ସଂଗଠନ ସାହାଯ୍ୟ ସହଯୋଗ କରିଥିଲେ।

## ପୁଲିସ ଅଧିକାରୀଙ୍କ ସହ ହୋଲି ଉତ୍ସବ

ଜୟ ମା ଭଗବତୀ ହେଲ୍ପ ଫାଉଣ୍ଡେସନ ଓ ନାରୀ ସଶକ୍ତିକରଣ ଓଡ଼ିଶା ତରଫରୁ ବିଭିନ୍ନ ଥାନାରେ ହୋଲି ଉତ୍ସବ ପାଳିତ ହୋଇଯାଇଛି। ଫାଉଣ୍ଡେସନର ସଦସ୍ୟମାନେ ମର୍କତନଗର, କ୍ୟାଣ୍ଟନମେଣ୍ଟ ଆଦି ଥାନାକୁ ଯାଇ ପୁଲିସ ଅଧିକାରୀ, କର୍ମଚାରୀଙ୍କୁ ରଙ୍ଗ ବୋଳି ହୋଲିର ଶୁଭେଚ୍ଛା ଜଣାଇଥିଲେ। ଲୋକଙ୍କ ସୁରକ୍ଷା ଦିଗରେ କାର୍ଯ୍ୟ କରୁଥିବା ପୁଲିସର ଅଧିକାରୀ ଓ କର୍ମଚାରୀ କୌଣସି ଉତ୍ସବ ସଠିକ ଢ଼ଙ୍ଗରେ ପାଳି ପାରନ୍ତି ନାହିଁ। କର୍ତ୍ତବ୍ୟ ପରାୟଣ ହୋଇ ପରିବାର ଠାରୁ ଦୂରରେ ରୁହନ୍ତି। ଏଣୁ ସେମାନଙ୍କ ମୁହଁରେ ଖୁସି ଆଣିବାକୁ ଏହା ଏକ ଉଦ୍ୟମ ବୋଲି ଫାଉଣ୍ଡେସନ ପକ୍ଷରୁ କୁହାଯାଇଛି।

## ସମ୍ବାଦପତ୍ର ବିକ୍ରେତା ସଂଘ

ସମ୍ବାଦପତ୍ର ବିକ୍ରେତା ସଂଘ ପକ୍ଷରୁ ହୋଲି ଉତ୍ସବ ବକ୍ସିବଜାର ଠାରେ ପାଳନ କରାଯାଇଛି। ସଂଘର କର୍ମକର୍ତ୍ତା ମାନେ ପରସ୍ପରକୁ ଅବିର ଲଗାଇ ହୋଲି ଉତ୍ସବ ପାଳନ କରିଥିଲେ। ସଂଘର ଉପସଭାପତି ପିତାମ୍ବର ବେହେରା, ସହ ସମ୍ପାଦକ ରତ୍ନାକର ପ୍ରଧାନ, କୋଷାଧ୍ୟକ୍ଷ ଅକ୍ଷୟ ମହାନ୍ତି, ମିଡିଆ ସେଲ ଅଧ୍ୟକ୍ଷ ପ୍ରଭାସ ପ୍ରଧାନ, କମିଟି ସଭ୍ୟ ହିମାଂଶୁ ମହାପାତ୍ର, ମନୋଜ ପାଲ, ପ୍ରଦ୍ୟୁମ୍ନ ବିଶୋଇ, ପ୍ରଶାନ୍ତ ସାହୁ, ଦୁର୍ଗାପ୍ରସାଦ ଛାଟୋଇ, ହେମନ୍ତ ପଟ୍ଟନାୟକ, ଉମେଶ ସାହୁ, ନବଘନ ସାହୁ ପ୍ରମୁଖ ଯୋଗଦେଇଥିଲେ।



# ରାଜମିସ୍ତ୍ରିଙ୍କ ଝୁଲନ୍ତା ମୃତଦେହ ଉଦ୍ଧାର

**କଟକ,୨୭।୩(ସମିସ):** ମର୍କତନଗର ଥାନା ମୁଣ୍ଡାସାହିରେ ଜଣେ ରାଜମିସ୍ତ୍ରିଙ୍କ ମୃତଦେହ ଝୁଲନ୍ତା ଅବସ୍ଥାରେ ଉଦ୍ଧାର ହୋଇଛି। ମୃତକ ହେଲେ ଢେଙ୍କାନାଳ ତୁମିସିଙ୍ଗା ଥାନା ଟାଙ୍ଗର ଗାଁର ସୁବାଶିଷ ନାୟକ(୩୨)। ସେ ବେକରେ ରଶି ଲଗାଇ ଆତ୍ମହତ୍ୟା କରିଥିବା ଜଣାପଡ଼ିଛି। ମୃତଦେହକୁ ପୁଲିସ ଜବତ କରି ବ୍ୟବଚ୍ଛେଦ ପାଇଁ ଏସସିବି ପଠାଇଛି। ଗତ ୨୦ ଦିନ ହେବ ସୁବାଶିଷ କଟକ ଆସି ତାଙ୍କ ଗ୍ରାମର କାଳିଆ ନାମକ ଜଣେ ପିଲା ସହ ମୁଣ୍ଡାସାହିରେ ଭଡ଼ାରେ ରହି ରାଜମିସ୍ତ୍ରି କାମ କରୁଥିଲା। ତେବେ ବୁଧବାର କାଳିଆ କାମକୁ ଯାଇଥିବାବେଳେ ଦେହ ଭଲ ନଥିବାରୁ ସେ କାମକୁ ଯାଇ ନଥିଲେ। କିଛି ସମୟ ପରେ ତାଙ୍କ ଗାଁ'ର ଅନ୍ୟ ପିଲାମାନେ ଶୁବାଶିଷଙ୍କ ଘର ପାଖକୁ ଆସି ସାଇକଲ ରଖିବାକୁ ଗଲାବେଳେ ଶୁବାଶିଷଙ୍କୁ ଡାକିଥିଲେ। କିନ୍ତୁ ସେ କୌଣସି ଉତ୍ତର ନଦେବାରୁ କାଳିଆଙ୍କୁ ଫୋନ୍ କରିଥିଲେ। ତେଣୁ ସେମାନେ ସନ୍ଦେହରେ କାଳିଆକୁ ଫୋନ କରିଥିଲେ। ଫଳରେ କୌଣସି ଅଘଟଣ ଆଶଙ୍କା କରି କାଳିଆ ତୁରନ୍ତ ଘରକୁ ଫେରିଆସିଥିଲେ। ଏହାପରେ ସେ ପୁଲିସକୁ ଡାକି ଘର ଖୋଲି ଦେଖିଲା ବେଳକୁ ଭିତରେ ସୁବାଶିଷ ବେକରେ ରଶି ଲଗାଇ ଆତ୍ମହତ୍ୟା କରିଥିବା ଜଣାପଡ଼ିଥିଲା। ପୁଲିସ ମୃତଦେହକୁ ଜବତ କରି ଏସସିବିକୁ ବ୍ୟବଚ୍ଛେଦ ପାଇଁ ପଠାଇଛି। ଗୁରୁବାର ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ମୃତଦେହ ହସ୍ତାନ୍ତର କରାଯିବ ବୋଲି ମର୍କତନଗର ଥାନା ଅଧିକାରୀ କମଳାକାନ୍ତ ଦାସ ସୂଚନା ଦେଇଛନ୍ତି।

# ପୁଲିସ କର୍ମଚାରୀଙ୍କୁ ନିର୍ବାଚନ ପ୍ରକ୍ରିୟା ତାଲିମ

**କଟକ,୨୭।୩(ସମିସ):** କଟକ ସହରାଞ୍ଚଳର ପୁଲିସର ଜୋନ ୨ ଅନ୍ତର୍ଗତ ସମସ୍ତ ଥାନା କର୍ମଚାରୀଙ୍କୁ ନିର୍ବାଚନ ପ୍ରକ୍ରିୟା ସଂକ୍ରାନ୍ତୀୟ ତାଲିମ ପ୍ରଦାନ କରାଯାଇଛି। ଏଥିରେ ଏଡିସିପି ତଥା ମାଷ୍ଟର ଟ୍ରେନର ପ୍ରକାଶ ପାଲ ତାଲିମ ପ୍ରଦାନ କରିଥିଲେ। ଜୋନ ଏସିପି ଗିରିଜା ଶଙ୍କର ଚକ୍ରବର୍ତ୍ତୀ, ମଙ୍ଗଳାବାଗ ଥାନା ଅଧିକାରୀ ଉମାକାନ୍ତ ସାହୁ, ଦରଘାବଜାର ଥାନା ଅଧିକାରୀ ଚିନ୍ତେଶ୍ୱର ମୁଣ୍ଡା ଓ ଲାଲବାଗ ଥାନା ଅଧିକାରୀ ଦୟାନିଧି ନାୟକ ପ୍ରମୁଖ ଉପସ୍ଥିତ ଥିଲେ। ତିନି ଥାନାର ପ୍ରାୟ ଦେଢ ଶହ କର୍ମଚାରୀଙ୍କୁ ତାଲିମ ଦିଆଯାଇଛି। କନେଷ୍ଟବଳ ଠାରୁ ଆରମ୍ଭ କରି ଏଏସଆଇ ଓ ଏସଆଇ ସାମିଲ ହୋଇଥିଲେ। ପର୍ଯ୍ୟାୟକ୍ରମେ ଏହିଭଳି ତାଲିମ କାର୍ଯ୍ୟକ୍ରମ ଅନ୍ୟ ଜୋନରେ କରାଯିବ ବୋଲି ସୂଚନା ଦିଆଯାଇଛି।

# ବିଶ୍ୱ ନାଟ୍ୟ ଦିବସରେ 'ଢାଲୁ' ମଞ୍ଚସ୍ଥ



**କଟକ,୨୭।୩(ସମିସ):** ମାର୍ଚ୍ଚ ମାସ ୨୭ ତାରିଖ ବିଶ୍ୱ ନାଟ୍ୟ ଦିବସ ଅବସରରେ ଉତ୍କଳ କଳା ପରିଷଦ ଓ କଳାବିକାଶ କେନ୍ଦ୍ରର ମିଳିତ ସହଯୋଗରେ ନାଟକ 'ଢାଲୁ' ମଞ୍ଚସ୍ଥ ହୋଇଛି। ଏହି ଉତ୍ସବକୁ ନିରାମୟର ଉପଦେଷ୍ଟା ଡ. ରଞ୍ଜନ କୁମାର ବିଶ୍ୱାଳ ଉଦ୍‌ଘାଟନ କରିଥିଲେ। ଅନ୍ୟତମ ଅତିଥି ଭାବରେ କଳାବିକାଶ କେନ୍ଦ୍ରର ମ୍ୟାନେଜିଙ୍ଗ୍ ଟ୍ରଷ୍ଟି ରବିନ୍ଦ୍ର ନାଥ ମହାନ୍ତି ଏବଂ ବେତାର କେନ୍ଦ୍ର କଟକର ନିର୍ଦ୍ଦେଶକ ତରୁଣକାନ୍ତି ରାଉତ ଯୋଗଦେଇଥିଲେ। ଏହି ଅବସରରେ ବିଶିଷ୍ଟ ଅଭିନେତ୍ରୀ ଓ ସଂଗଠିକା ଆହ୍ଲାଦିନି କରଙ୍କୁ ଚଳିତ ବର୍ଷର ଉତ୍କଳ କଳା ସମ୍ମାନରେ ସମ୍ମାନିତ କରାଯାଇଥିଲା। ଯାଜପୁର ରୋଡ଼ ସିମିଳିର କଳାକାରଙ୍କ ଦ୍ୱାରା ମଞ୍ଚସ୍ଥ ନାଟକ 'ଢାଲୁ'ର ରଚୟିତା ତରୁଣକାନ୍ତି ରାଉତ୍ ଏବଂ ନିର୍ଦ୍ଦେଶନା ଦେଇଛନ୍ତି ସୁକାନ୍ତ ରାଉତ। ଏହି ଉତ୍ସବକୁ ଉତ୍କଳ କଳା ପରିଷଦର ସଭାପତି ଅଧ୍ୟକ୍ଷା ଡ. ସ୍ନେହଲତା ମିଶ୍ର ସଭାପତିତ୍ୱ କରିଥିଲେ। କଳାବିକାଶ କେନ୍ଦ୍ରର ଉପସଭାପତି ରାଧାମୋହନ ସାହୁ ମାନପତ୍ର ପାଠ କରିଥିବା ବେଳେ କଳାବିକାଶ କେନ୍ଦ୍ରର କାର୍ଯ୍ୟକାରୀ ସଭାପତି ପ୍ରସନ୍ନ କୁମାର ନନ୍ଦ ଏବଂ ଧନ୍ୟବାଦ ଦେଇଥିଲେ। ସଂପାଦକ ପ୍ରସେନ୍‌ଜିତ୍ ମହାନ୍ତି ବିଶ୍ୱ ନାଟ୍ୟ ଦିବସ ସମ୍ବନ୍ଧୀୟ ବାର୍ତ୍ତା ଦେଇଥିଲେ।


SBI

ଷ୍ଟେଟ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ
କେନ୍ଦ୍ରୀୟ ନିଯୁକ୍ତି ଏବଂ ପଦୋନ୍ନତି ବିଭାଗ,
କର୍ପୋରେଟ୍ କେନ୍ଦ୍ର, ମୁମ୍ବାଇ
ଇମେଲ୍ : crpd@sbi.co.in

ଆବେଦନ କରିବା ପାଇଁ QR ସ୍କାନ୍ କରନ୍ତୁ

**ବିଶେଷଜ୍ଞ କ୍ୟାଡର୍ ଅଧିକାରୀମାନଙ୍କର ନିଯୁକ୍ତି ଚୁକ୍ତିନାମା ଆଧାରରେ**

ନିମ୍ନଲିଖିତ ପୋଷ୍ଟଗୁଡିକ ପାଇଁ ଚୁକ୍ତିନାମା ଆଧାରରେ ଭାରତୀୟ ନାଗରିକମାନଙ୍କ ଠାରୁ ଆବେଦନ ଗୁଡିକ ଗ୍ରହଣ କରାଯାଉଛି:

| ବିଜ୍ଞାପନ ସଂ. : CRPD/SCO/2023-24/34 | | |
|---|---|---|
| ପୋଷ୍ଟ ନାମ | ଖାଲି ପଦବୀ | ସମକକ୍ଷ ଗ୍ରେଡ୍ |
| ମୁଖ୍ୟ (କର୍ପୋରେଟ୍ ଯୋଗାଯୋଗ ଏବଂ ମାର୍କେଟିଂ) | 1 | ଟିଇଜିଏସ୍-VII |

ଯୋଗ୍ୟତା ମାନଦଣ୍ଡ (ବୟସ, ଅଭିଜ୍ଞତା, ଜବ୍ ପ୍ରୋଫାଇଲ ଇତ୍ୟାଦି), ଖାଲି ବିବରଣୀ, ଆବଶ୍ୟକ ଫିସ୍ ଏବଂ ଅନ୍ୟାନ୍ୟ ବିବରଣୀ ପାଇଁ ବ୍ୟାଙ୍କର ୱେବସାଇଟ୍ https://bank.sbi/web/careers ଅନଲାଇନ୍ ଆପ୍ଲିକେସନ୍ ଫି ଜମା ଏବଂ ଅନଲାଇନ୍ ଦେୟ ଲିଙ୍କ୍ ସହିତ ଲଗ ଇନ୍ କରନ୍ତୁ । ଆବେଦନ ଏବଂ ଫି ପଠାଇବା ପୂର୍ବରୁ ଯୋଗ୍ୟତା ଏବଂ ଅନ୍ୟାନ୍ୟ ବିବରଣୀ ବିଷୟରେ ସୁନିଶ୍ଚିତ ହେବା ପାଇଁ ବିସ୍ତୃତ ବିଜ୍ଞାପନକୁ ଅନୁସରଣ କରନ୍ତୁ । ଯେକୌଣସି ପ୍ରଶ୍ନ ପାଇଁ ଦୟାକରି ଏହି ଲିଙ୍କ୍ ମାଧ୍ୟମରେ ଆମକୁ ଲେଖନ୍ତୁ: "CONTACT US" —> "Post Your Query" ଯାହା ବ୍ୟାଙ୍କର ୱେବସାଇଟ (https://bank.sbi/web/careers/post-your-query) ରେ ଉପଲବ୍ଧ ।

- ଅନଲାଇନ୍ ଆବେଦନ ଏବଂ ଫିସ୍ ଦେୟ ପାଇଁ ତାରିଖ: 16.05.2023 ରୁ 05.06.2023 ପର୍ଯ୍ୟନ୍ତ ।

ସ୍ଥାନ: ମୁମ୍ବାଇ
ତାରିଖ: 20.03.2024

ମହା ପ୍ରବନ୍ଧକ (ଆରପି ଏବଂ ପିଏମ୍)


### ପ୍ରାର୍ଥୀଙ୍କୁ ନେଇ ଜିଲ୍ଲା ବିଜେଡିର ବୈଠକ

# ବୃହତ୍ ବିଜୟ ପାଇଁ ରୋଡ୍‌ମ୍ୟାପ୍

**କଟକ,୨୭।୩(ସମିସ)**

ବିଜେଡି ସୁପ୍ରିମୋ ତଥା ସଭାପତି ନବୀନ ପଟ୍ଟନାୟକ ପ୍ରଥମ ପର୍ଯ୍ୟାୟ ପ୍ରାର୍ଥୀ ତାଲିକା ଘୋଷଣା କରିବା ପରେ କଟକ ଜିଲ୍ଲା ବିଜେଡି ଶିବିର ଚଳଚଞ୍ଚଳ ହୋଇ ଉଠିଛି। ଆଗାମୀ ସାଧାରଣ ନିର୍ବାଚନରେ ବିଜୁ ଜନତା ଦଳର ପ୍ରାର୍ଥୀଙ୍କୁ ବୃହତ୍ତ ଭୋଟ ବ୍ୟବଧାନରେ ବିଜୟୀ କରିବାକୁ ରଣକୌଶଳ ଆରମ୍ଭ କରିଛି ଜିଲ୍ଲା ବିଜେଡି। ପୁରୁଣା ରେକର୍ଡ ଭାଙ୍ଗିବ। ଆଗାମୀ ନିର୍ବାଚନରେ ବିଜୁ ଜନତା ଦଳର ବିଧାୟକ ହୁଅନ୍ତୁ କି ସାଂସଦ ସମସ୍ତେ କିପରି ରେକର୍ଡସଂଖ୍ୟକ ବିଜୟ ହାସଲ କରିବେ ସେଥିପାଇଁ ରୋଡମ୍ୟାପ ପ୍ରସ୍ତୁତ କରାଯାଉଛି। ଏହି ପରିପ୍ରେକ୍ଷୀରେ ହୋଟେଲ ପ୍ରମୋଦରେ ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ଡକାଯାଇଥିଲା। ସାଂସଦ ତଥା ଜିଲ୍ଲା ବିଜେଡି ସଭାପତି ଦେବାଶିଷ ସାମନ୍ତରାୟ ସମସ୍ତ ପ୍ରାର୍ଥୀ, ବିଜେଡିର ବରିଷ୍ଠ ନେତା ଓ କର୍ମୀଙ୍କୁ ଏକଜୁଟ କରିଥିଲେ। ଆଗାମୀ ନିର୍ବାଚନରେ ଦଳ କେଉଁ ରଣନୀତି ପ୍ରସ୍ତୁତ କରି ମଇଦାନକୁ ଓହ୍ଲାଇବ ସେ ବିଷୟରେ ବୈଠକରେ ଆଲୋଚନା ହୋଇଛି।



କଟକ ଜିଲ୍ଲାର ୭ଟି ନିର୍ବାଚନ ମଣ୍ଡଳୀ ନିମନ୍ତେ ବିଧାୟକ ପ୍ରାର୍ଥୀ ତାଲିକା ଘୋଷଣା ହୋଇ ସାରିଛି। ଆଠଗଡରୁ ରଣେନ୍ଦ୍ର ପ୍ରତାପ ସ୍ୱାଇଁ, ବଡମ୍ବାରୁ ଦେବୀ ମିଶ୍ର, କଟକ ସଦରରୁ ଚନ୍ଦ୍ର ସାରଥୀ ବେହେରା, ନିଆଳିରୁ ଡଃ ପ୍ରମୋଦ ମଲ୍ଲିକ, ବାଙ୍କୀରୁ ଦେବୀ ରଞ୍ଜନ ତ୍ରିପାଠୀ, ଚୌଦ୍ୱାର-କଟକରୁ ସୌଭିକ ବିଶ୍ୱାଳ ହେଉଛନ୍ତି ବିଜେଡିର ବିଧାୟକ ପ୍ରାର୍ଥୀ। ସେହିପରି ସାଂସଦ ପ୍ରାର୍ଥୀ ଭାବେ ଏଥର ବିଜେଡିର ନୂଆ ମୁହଁ ହେଉଛନ୍ତି ସନ୍ତୃପ୍ତ ମିଶ୍ର। ଗତ ନିର୍ବାଚନ ତୁଳନାରେ ଆଗାମୀ ନିର୍ବାଚନରେ ଦଳୀୟ ପ୍ରାର୍ଥୀଙ୍କୁ ବିପୁଳ ସଂଖ୍ୟକ ଭୋଟ ବ୍ୟବଧାନରେ ଜିତାଇବା ପାଇଁ ଆହ୍ୱାନ ଦିଆଯାଇଥିଲା। ନବୀନ ସରକାରଙ୍କ ସ୍ୱଚ୍ଛ ଶାସନର ବାର୍ତ୍ତା ଏବଂ ଲୋକାଭିମୁଖୀ ଯୋଜନା ଗୁଡିକ ଘରେ ଘରେ ପହଞ୍ଚାଯିବ। ତାଙ୍କ ନେତୃତ୍ୱ ପ୍ରତି ଦୃଢ଼ ଆସ୍ଥା ପ୍ରକଟ କରି ସମସ୍ତ ବିଜେଡି ନେତା ଓ କର୍ମୀ କାର୍ଯ୍ୟ କରିବା ପାଇଁ ବୈଠକରେ ସ୍ଥିର ହୋଇଛି। ଏହି ବୈଠକରେ ବିଜେଡିର ୭ ପ୍ରାର୍ଥୀଙ୍କ ସମେତ ପୂର୍ବତନ ବିଧାୟକ ପ୍ରଭାତ ବିଶ୍ୱାଳ, ମେୟର ସୁବାସ ସିଂହ, ଓଡ଼ିଶା ଚଳଚ୍ଚିତ୍ର ଉନ୍ନୟନ ନିଗମର ଅଧ୍ୟକ୍ଷ ସତ୍ୟବ୍ରତ(କୁନା) ତ୍ରିପାଠୀ, ନିରାମୟ ଉପଦେଷ୍ଟା ରଞ୍ଜନ ବିଶ୍ୱାଳ, ଡେପୁଟି ମେୟର ଦମୟନ୍ତୀ ମାଝୀ, ବିଜେଡିର ବରିଷ୍ଠ ନେତା ମଧୁସୂଦନ ସାହୁ ପ୍ରମୁଖ ଉପସ୍ଥିତ ଥିଲେ। ଜିଲ୍ଲା ବିଜେଡିର ସମସ୍ତ ଟାଣୁଆ ନେତା ଓ କର୍ମୀଙ୍କୁ ବୈଠକରେ ସାମିଲ କରାଯାଇଥିଲା। ବୈଠକ ଆରମ୍ଭ ପୂର୍ବରୁ ସାଂସଦ ପ୍ରାର୍ଥୀ ଶ୍ରୀ ମିଶ୍ର କଟକ ଚଣ୍ଡୀ ମନ୍ଦିର ମା' କଟକ ଚଣ୍ଡୀଙ୍କ ଆଶୀର୍ବାଦ ଭିକ୍ଷା କରିଥିଲେ। ଏହା ପରେ ବିଜୁ ପଟ୍ଟନାୟକ ଛକ ଏବଂ ଆନନ୍ଦଭବନ ସ୍ଥିତ ପ୍ରବାଦ ପୁରୁଷ ବିଜୁ ପଟ୍ଟନାୟକଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିଥିଲେ।

# ପୂର୍ବ ଶତ୍ରୁତାକୁ ନେଇ ତିଗିରିଆରେ ଗୋଷ୍ଠୀ ସଂଘର୍ଷ

- ଭୋଗଡା ସରପଞ୍ଚ, ଦିଅରଙ୍କ ସମେତ ୧୦ ଆହତ, ୪ ଗୁରୁତର
- ଗ୍ରାମରେ ପୁଲିସ ମୁତୟନ

**ତିଗିରିଆ,୨୭ ।୩(ସମିସ)**

ପୂର୍ବ ଶତ୍ରୁତାକୁ କେନ୍ଦ୍ର କରି ମଙ୍ଗଳବାର ତିଗିରିଆ ଥାନା ଭୋଗଡା ପଞ୍ଚାୟତ ଅଧୀନ ଭୋଗଡା ଗ୍ରାମରେ ଦୁଇ ଗୋଷ୍ଠୀମଧ୍ୟରେ ଗୋଷ୍ଠୀ ସଂଘର୍ଷ ଘଟି ଏଥିରେ ଉଭୟ ପକ୍ଷର ୧୦ ଜଣ ବ୍ୟକ୍ତି ଆହତ ହୋଇଥିବା ବେଳେ ୪ ଜଣ ଗୁରୁତର ହୋଇଛନ୍ତି । ଆହତମାନଙ୍କ ମଧ୍ୟରେ ୩ ଜଣଙ୍କ ଅବସ୍ଥା ଗୁରୁତର ଥିବାରୁ ସେମାନଙ୍କୁ କଟକ ବଡଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଛି । ଗୋଷ୍ଠୀ ସଂଘର୍ଷ ପରେ ତିଗିରିଆ ଥାନା ପକ୍ଷରୁ ଗ୍ରାମରେ ଶାନ୍ତି ପ୍ରତିଷ୍ଠା ପାଇଁ ଉଦ୍ୟମ ଆରମ୍ଭ ହୋଇଥିବା ବେଳେ ଗ୍ରାମରେ ଏକ ପ୍ଲାଟୁନ ସିଆରପିଏଫ ଯବାନ ଓ ତିଗିରିଆ ପୁଲିସ ମୁତୟନ କରାଯାଇଛି । ମଙ୍ଗଳବାର ଅପରାହ୍ନରେ ଆଠଗଡ ଡିଏସପି ରବିନ୍ଦ୍ର କୁମାର ମଲ୍ଲୀକ, ତିଗିରିଆ ଥାନା ଆଇଆଇସି ଜ୍ଞାନ ରଞ୍ଜନ ସାମଲ, ଅତିରିକ୍ତ ଏସପି ଦେବଦତ୍ତ ବରାଳ, ତିଗିରିଆ ତହସିଲଦର ତଥା ଏକଜିକ୍ୟୁଟିଭ ମାଜିଷ୍ଟ୍ରେଟ ଅକ୍ଷୟ କୁମାର ପରିଡା ପ୍ରମୁଖ ଉପସ୍ଥିତ ରହି ଘଟଣା ଉପରେ ତୀକ୍ଷ୍ଣ ନଜର ରଖିଛନ୍ତି । ରିପୋର୍ଟ ଲେଖା ହେବା ପର୍ଯ୍ୟନ୍ତ ଏହି ଗଣ୍ଡଗୋଳ ଘଟଣାରେ କାହାରିକୁ ଗିରଫ କରାଯାଇ ନ ଥିବା ବେଳେ ଗ୍ରାମରେ ଚାପା ଉତ୍ତେଜନା ଜାରି ରହିଛି । ଏ ନେଇ ତିଗିରିଆ ଥାନାରେ ଦୁଇଟି ପୃଥକ ପୃଥକ ମାମଲା ରୁଜୁ ହୋଇଛି । ସୂଚନା ମୁତାବକ ମଙ୍ଗଳବାର ପୂର୍ବାହ୍ନ ପ୍ରାୟ ୧୧.୩୦ ସମୟରେ ତିଗିରିଆ ଥାନା ଅନ୍ତର୍ଗତ ଭୋଗଡା ଗ୍ରାମରେ ହୋଲି ପର୍ବ ପାଳନ ଚାଲିଥିବା ସମୟରେ ପୂର୍ବ ଶତ୍ରୁତାକୁ କେନ୍ଦ୍ର କରି ଦୁଇଗୋଷ୍ଠୀ ମଧ୍ୟରେ ପ୍ରଥମ କଥା କଟାକଟି ହେବା ପରେ ଏହି ଉତ୍ତେଜନା ଗୋଷ୍ଠୀ ସଂଘର୍ଷରେ ପରିଣତ ହୋଇଥିଲା । ଦୀର୍ଘ ସମୟ ଧରି ଗାଁ ଦାଣ୍ଡ ଯୁଦ୍ଧକ୍ଷେତ୍ରରେ ପରିଣତ ହୋଇଥିଲା । ଉଭୟ ଗୋଷ୍ଠୀ ପରସ୍ପରକୁ ବିଭିନ୍ନ ମାରଣାସ୍ତ୍ରରେ ଆକ୍ରମଣ କରିବା ସହ ଘର ମଧ୍ୟରେ ପଶି ବିପକ୍ଷ ଗୋଷ୍ଠୀର ଲୋକଙ୍କୁ ଆକ୍ରମଣ କରିଥିଲେ ।



ଫଳରେ ଉଭୟ ଗୋଷ୍ଠିର ୧୦ ଜଣ ବ୍ୟକ୍ତି ଆହତ ହେବା ସହ ଅରୁଣ କୁମାର ନାୟକ (ଭୋଗଡା ସରପଞ୍ଚଙ୍କ ସ୍ୱାମୀ), ଅନ୍ତର୍ଯ୍ୟାମୀ ନାୟକ (ସରପଞ୍ଚଙ୍କ ଦିଅର)ଙ୍କ ସମେତ ସୁରେନ୍ଦ୍ର କୁମାର ମଲ୍ଲ, ମୁକେଶ ମଲ୍ଲ ପ୍ରମୁଖ ଗୁରୁତର ଆହତ ହୋଇଥିଲେ । ଆହତଙ୍କୁ ତୁରନ୍ତ ତିଗିରିଆ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିବା ବେଳେ ଗୁରତର ଅବସ୍ଥାରେ ଅରୁଣ କୁମାର ନାୟକ, ଅନ୍ତର୍ଯ୍ୟାମୀ ନାୟକ, ସୁରେନ୍ଦ୍ର ମଲ୍ଲ ଓ ମୁକେଶ ମଲ୍ଲଙ୍କୁ କଟକ ବଡଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଛି । ଦୁଇଗୋଷ୍ଠୀଙ୍କ ମଧ୍ୟରୁ ଭୋଗଡା ସରପଞ୍ଚ ଶର୍ମିଳା ନାୟକ ଓ ମାଳତୀ ମଲ୍ଲ ତିଗିରିଆ ଥାନାରେ ଦୁଇଟି ପୃଥକ ପୃଥକ ଅଭିଯୋଗ କରିବା ପରେ ତିଗିରିଆ ପୁଲିସ ପକ୍ଷରୁ ତିଗିରିଆ ଥାନା କେଶ୍ ନଂ-୭୬ ଓ ୭୭ ରେ ଦୁଇଟି ମାମଲା ରୁଜୁ କରାଯାଇ ଅନୁସନ୍ଧାନ ଜାରି ରହିଛି ।

## ମୁଖ୍ୟମନ୍ତ୍ରୀ ଓ '୫-ଟି' ଅଧ୍ୟକ୍ଷଙ୍କୁ କୃତଜ୍ଞତା

**ଫୁଲନଖରା,୨୭।୩(ସମିସ):** ୨୦୨୪ ସାଧାରଣ ନିର୍ବାଚନ ପରିପ୍ରେକ୍ଷୀରେ ସଦର ଅଞ୍ଚଳର ସ୍ୱଭିମାନୀ ତଥା ଲୋକପ୍ରିୟ ନେତା ଚନ୍ଦ୍ରସାରଥି ବେହେରାଙ୍କୁ ତୃତୀୟ ଥର ପାଇଁ ପ୍ରାର୍ଥୀ ଭାବରେ ବିଜୁ ଜନତା ଦଳ ନାମ ଘୋଷଣା କରିଥିବାରୁ ସଦରବାସୀ ମୁଖ୍ୟମନ୍ତ୍ରୀ ଓ ୫-ଟି ଅଧ୍ୟକ୍ଷଙ୍କୁ କୃତଜ୍ଞତା ଜଣାଇଛନ୍ତି । ବିଶେଷକରି କଟକ ସଦର ବିଜେଡି ସଭାପତି ପ୍ରମୋଦ କୁମାର ମହାପାତ୍ର, ବିଭୂତି ଭୂଷଣ ପରିଡା, ସମର ବେହେରା, ରଜନୀ ସାହୁ, ସୁଭଦ୍ରା ଦାସ, ସସ୍ମିତା ମାର୍ଥା, ପ୍ରଦୀପ ମାହାଳୀ, ଜୀବନ ସାମନ୍ତରାୟ, ମନୋରଞ୍ଜନ ମହାପାତ୍ର, ସଞ୍ଜୟ ବରାଳ, ପୂର୍ଣ୍ଣିମା ସ୍ୱାଇଁ, ଗାୟତ୍ରୀ ପରିଡା, ଅଭିଷେକ ବେହେରା, ଆଶାଲତା ବେହେରା, ମାନସୀ ପୃଷ୍ଟି, ଶିବାନୀ ଜେନା, ବିପ୍ରଚରଣ ଭୋଳ, ଜ୍ଞାନ ରଞ୍ଜନ ସାହୁ, ବିକ୍ରମ କେଶରୀ ଶତପଥି ପ୍ରମୁଖ ମୁଖ୍ୟମନ୍ତ୍ରୀଙ୍କୁ କୃତଜ୍ଞତା ଜ୍ଞାପନ କରିଛନ୍ତି ।

## ନିର୍ବାଚନ ପାଇଁ ପୁଲିସ ପକ୍ଷରୁ ନିୟମ କଡ଼ାକଡ଼ି

**କଟକ,୨୭।୩(ସମିସ):** ଆସନ୍ତା ସାଧାରଣ ନିର୍ବାଚନକୁ ଦୃଷ୍ଟିରେ ରଖି ସର୍ବସାଧାରଣ ସ୍ଥାନରେ ଥିବା ବିଭିନ୍ନ ରାଜନୈତିକ, ଧାର୍ମିକ ଓ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜନ ଉପରେ କମିସନରେଟ୍ ପୁଲିସ କଟକଣାକୁ କଡାକଡି କରିଛି । ଆଇନଶୃଙ୍ଖଳା ପରିସ୍ଥିତିକୁ ନିୟନ୍ତ୍ରଣ କରିବା ପାଇଁ ଏଣିକି ସହରାଞ୍ଚଳ ପୁଲିସ ଆଇନ ଅନୁଯାୟୀ ସାଂସ୍କୃତିକ, ରାଜନୈତିକ ଓ ଧାର୍ମିକ କାର୍ଯ୍ୟକ୍ରମ ଆୟୋଜନ କରିବା ପୂର୍ବରୁ କଟକ ଡିସିପିଙ୍କ କାର୍ଯ୍ୟାଳୟରୁ ଅନୁମତି ନେବାକୁ ପଡ଼ିବ । ନଚେତ୍ ଏହି ସବୁ କାର୍ଯ୍ୟକ୍ରମ ଆୟୋଜିତ ହୋଇପାରିବ ନାହିଁ । ଏଥିପାଇଁ ନିର୍ଦ୍ଧାରିତ ଆବେଦନ ଫର୍ମରେ ସ୍ଥାନୀୟ ଥାନା ଅଧିକାରୀ କିମ୍ବା ଏସିପିଙ୍କ ଜରିଆରେ ଆବେଦନ କରିବାକୁ ପଡ଼ିବ । ଜନ ସମାବେଶ, ବିବାହ କିମ୍ବା ଧାର୍ମିକ କାର୍ଯ୍ୟକ୍ରମ ସ୍ଥଳର ଜମି ଜମା କାଗଜପତ୍ର, ବିଦ୍ୟୁତ୍ ଓ ଅଗ୍ନିଶମ ବିଭାଗର ଏନ୍ଓସି, ରାସ୍ତା ଅବରୋଧ ହେବାକୁ ଥିଲେ ପୂର୍ତ୍ତ ବିଭାଗ ଅନୁମତି ପତ୍ର ସହିତ ଡାକବାଜି ଯନ୍ତ୍ର ପାଇଁ ଫି ଓ ସତ୍ୟପାଠ ଦାଖଲ କଲେ ଅନୁମତି ମିଳିପାରିବ ବୋଲି ଡିସିପି କାର୍ଯ୍ୟାଳୟ ପକ୍ଷରୁ ଅବଗତ କରାଯାଇଛି । ବେଆଇନ ଭାବେ ଆୟୋଜିତ କାର୍ଯ୍ୟକ୍ରମ ସମ୍ପର୍କରେ ମଧ୍ୟ ନିୟନ୍ତ୍ରଣ କକ୍ଷକୁ ଫୋନ ମାଧ୍ୟମରେ ସୂଚନା ଦେଲେ ତୁରନ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ।

## ଦନ୍ତାହାତୀ ଆକ୍ରମଣରେ ଯୁବକ ଗୁରୁତର

**ଟାଙ୍ଗୀ,୨୭ ।୩(ସମିସ):** ମଙ୍ଗଳବାର ବିଳମ୍ବିତ ରାତିରେ ଦନ୍ତାହାତୀ ଆକ୍ରମଣ ଯୋଗୁଁ ଟାଙ୍ଗୀ-ଚୌଦ୍ୱାର ବ୍ଲକ ଗରୁଡ଼ଗାଁ ପଞ୍ଚାୟତ ଅନ୍ତର୍ଗତ କିଆଝର ମୁଣ୍ଡାସାହି ବାସିନ୍ଦା କାହ୍ନୁଚରଣ ଢେଲଷାଣ୍ଡି ଗୁରୁତର ହୋଇଛନ୍ତି । ତାଙ୍କୁ ଚିକିତ୍ସା ନିମନ୍ତେ ପ୍ରଥମେ ଟାଙ୍ଗୀ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଓ ପରେ କଟକ ବଡ଼ ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି । ପ୍ରକାଶ ଥାଉକି କଟକ ବନଖଣ୍ଡ ଡାଳିଯୋଡ଼ା ରେଞ୍ଜ ଟାଙ୍ଗୀ ଅଞ୍ଚଳରେ ହାତୀଙ୍କ ପ୍ରଭାବ ବର୍ଷ ତମାମ ରହୁଛି । ଫସଲ ନଷ୍ଟ ସାଙ୍ଗକୁ ଆଦିବାସୀଙ୍କ ଘର ଭାଙ୍ଗିବା ନିତିଦିନିଆ କଥା ପାଲଟିଛି । ଆହତ ଯୁବକଙ୍କୁ ସରକାରୀ ସହାୟତା ସହ ହାତୀଙ୍କ ଠାରୁ ମୁକ୍ତି ନିମନ୍ତେ ବିଭାଗୀୟ ଅଧିକାରୀ ଦୃଷ୍ଟି ଦେବାକୁ ସାଧାରଣରେ ଦାବି ହୋଇଛି ।

## ବିଦ୍ୟୁତ ଖୁଣ୍ଟରେ ଚଢ଼ିଗଲେ ମାନସିକ ବିକାରଗ୍ରସ୍ତ ଯୁବକ

**କଟକ,୨୭।୩(ସମିସ):** କଟକ ସଦର ବ୍ଲକ ଅନ୍ତର୍ଗତ କନ୍ଦରପୁର ଠାରେ ଏକ ଅଭାବନୀୟ ଘଟଣା ଦେଖିବାକୁ ମିଳିଥିଲା । ପୂର୍ବାହ୍ନ ପ୍ରାୟ ୧୦ଟା ବେଳେ ଜୈନେକ ଯୁବକ ଜଗତସିଂହପୁରରୁ କଟକ ଯାଉଥିବା ଏକ ବସରୁ କନ୍ଦରପୁର ପଞ୍ଚାୟତ କାର୍ଯ୍ୟାଳୟ ଠାରେ ଓହ୍ଲାଇଥିଲେ । କେହି କିଛି ବୁଝିବା ପୂର୍ବରୁ ହଠାତ ପଞ୍ଚାୟତ କାର୍ଯ୍ୟାଳୟ ସମ୍ମୁଖରେ ଥିବା ୩୩ କେଭି ବିଦ୍ୟୁତ୍ ଖୁଣ୍ଟରେ ଚଢ଼ି ଯାଇଥିଲେ । ବିଦ୍ୟୁତ ଖୁଣ୍ଟ ଚଢିବା ସମୟରେ ଜନସାଧାରଣଙ୍କ ଠାରୁ ଖବର ପାଇ ପୁଲିସ ଏଏସଆଇ ଅଜିତ ପ୍ରସାଦ ମହାନ୍ତି ସଙ୍ଗେ ସଙ୍ଗେ ସ୍ଥାନୀୟ ବିଦ୍ୟୁତ ବିଭାଗକୁ ଜଣାଇବା ସହ ବିଦ୍ୟୁତ ସଂଯୋଗ ବିଚ୍ଛିନ୍ନ କରିଥିଲେ । ବିଦ୍ୟୁତ ସଂଯୋଗ ବିଚ୍ଛିନ୍ନ ହେବା ପରେ କନ୍ଦରପୁର ଥାନା



ପୁଲିସ ଓ ଦମକଳ ବାହିନୀ ଘଟଣାସ୍ଥଳରେ ପହଞ୍ଚି ଖୁଣ୍ଟରେ ଚଢ଼ିଥିବା ଯୁବକଙ୍କୁ ବହୁ ବୁଝାସୁଝା କରିବା ପରେ ତାଙ୍କୁ ଉଦ୍ଧାର କରିଥିଲା । ପରେ ପୁଲିସ ତାଙ୍କୁ ପଚାର ଉଚରା କରିବା ପରେ ଜଗତସିଂହପୁର ଜିଲ୍ଲାର କଣ୍ଟିଲୋ ଅଞ୍ଚଳର ଯୁବକ ଜଣକ ମାନସିକ ବିକାରଗସ୍ତ ବୋଲି ଜାଣିବାକୁ ପାଇଥିଲା । ପରେ ସଂପୃକ୍ତ ଯୁବକଙ୍କ ପରିବାର ଲୋକେ ପହଞ୍ଚି ତାଙ୍କୁ ସାଥିରେ ନେଇଯାଇଥିବା ଜଣାପଡିଛି । କନ୍ଦରପୁର ପୁଲିସର ତ୍ୱରିତ ପଦକ୍ଷେପ ଯୋଗୁଁ ଏକ ଜୀବନ ବଞ୍ଚିଗଲା ବୋଲି ସାଧାରଣରେ ଆଲୋଚନା ହେବା ସହିତ ଥାନା ପୁଲିସକୁ ସ୍ଥାନୀୟ ବାସିନ୍ଦା ସାଧୁବାଦ ଜଣାଇଛନ୍ତି ।

## ସାଲେପୁରରେ ଐତିହାସିକ ମୁନ୍ସୀ ମେଳଣ

**ସାଲେପୁର,୨୭ ।୩(ସମିସ):** ସାଲେପୁର ଠାରେ ଐତିହାସିକ ମୁନ୍ସୀ ମେଳଣ ଶାନ୍ତିଶୃଙ୍ଖଳାର ସହ ଅନୁଷ୍ଠିତ ହୋଇଯାଇଛି । ଏହି ମେଳଣରେ ବହୁ ବିମାନ ଶୋଭାଯାତ୍ରାରେ ଆସି ହାଟ ମେଳଣ ପଡ଼ିଆରେ ପହଞ୍ଚିବାପରେ ସେଠାରେ ସାଲେପୁର ଥାନା ପକ୍ଷରୁ ଏହି ବିମାନ ଗୁଡିକୁ ପୂଜାର୍ଚ୍ଚନା



କରାଯାଇଥିଲା । ୯୮ ବର୍ଷ ତଳେ ଏହି ମେଳଣ ଏଠାରେ ଆରମ୍ଭ ହୋଇଥିବାବେଳେ ସାଲେପୁର ଥାନାର ତତକାଳୀନ ଅଧିକାରୀ ସ୍ୱର୍ଗତ ସୀତାରାମ ପଟ୍ଟନାୟକ ଏହି ମେଳଣକୁ ପ୍ରଥମେ ଆରମ୍ଭ କରିଥିଲେ । ସେହିଦିନ ଠାରୁ ଏହି ମେଳଣ ଏଠାରେ ଅନୁଷ୍ଠିତ ହୋଇଆସୁଛି । ସାଲେପୁର ଥାନା ପକ୍ଷରୁ ମେଳଣ ପ୍ରସ୍ତୁତି ପାଇଁ ସମସ୍ତ ବ୍ୟବସ୍ଥା କରାଯାଇଥିବାବେଳେ କେଶବ ମଣ୍ଡପଠାରେ ହଜାର ହଜାର ଜନସାଧାରଣଙ୍କ ପାଇଁ ପ୍ରସାଦ ସେବନ ବ୍ୟବସ୍ଥା କରାଯାଇଥିଲା । ସାଲେପୁର ପୁଲିସ ଡିଏସ୍‌ପି ନିହାର ରଞ୍ଜନ ପ୍ରଧାନ, ସାଲେପୁର ଆଇଆଇସି ମନୋଜ କୁମାର ସ୍ୱାଇଁ, ସାଲେପୁର ଥାନା ଏସ୍ଆଇ ଶରତ ବେହେରାଙ୍କ ସମେତ ସମସ୍ତ ପୁଲିସ ଅଧିକାରୀ ଏହି କାର୍ଯ୍ୟକ୍ରମରେ ଉପସ୍ଥିତ ରହି ଏହାକୁ ପରିଚାଳନା କରିଥିଲେ । ଏହି ଅବସରରେ ସ୍ଥାନୀୟ ଅଞ୍ଚଳର ନିଶ୍ଚିନ୍ତକୋଇଲି, ମାହାଙ୍ଗା, ନେମାଳର ବରିଷ୍ଠ ପୁଲିସ ଅଧିକାରୀମାନେ ଯୋଗଦେଇଥିବାବେଳେ ପୂର୍ବତନ ବରିଷ୍ଠ ପୁଲିସ ଅଧିକାରୀ ବିଭୁତିଭୂଷଣ ପଟ୍ଟନାୟକଙ୍କ ସମେତ ବହୁ ପୁଲିସ ଅଧିକାରୀ ଏବଂ ସ୍ଥାନୀୟ ଅଞ୍ଚଳର ବହୁ ବିଶିଷ୍ଟ ବ୍ୟକ୍ତି ଏହି କାର୍ଯ୍ୟକ୍ରମରେ ଯୋଗଦେଇ ଏହାକୁ ପରିଚାଳନା କରିଥିଲେ । ଏହି ଅବସରରେ ବାଜା, ବାଣ, ରୋଷଣୀ ମଧ୍ୟରେ ହଜାର ହଜାର ଲୋକ ସାଲେପୁର ବଜାର କୁଆଁପାଳ ରାସ୍ତା ଓ ପୁରୁଣା ହାଟ ନିକଟରେ ଉପସ୍ଥିତ ରହି ଏହି ମୁନ୍ସୀ ମେଳଣରେ ଭାଗନେଇଥିଲେ ।

## ଯଶପଡ଼ାରେ ପ୍ରସିଦ୍ଧ ଦୋଳ ମେଳଣ

**କିଶନନଗର,୨୭।୩(ସମିସ):** କଟକ ସଦର ଯଶପଡା ପ୍ରସିଦ୍ଧ ତଥା ପୁରାତନ ୨ ଦିନିଆ ଦୋଳ ମେଳଣ ସୋମବାର ଉଦ୍‌ଯାପିତ ହୋଇଯାଇଛି । ଉକ୍ତ ମେଳଣ ଉତ୍ସବରେ ବିଭିନ୍ନ ଅଞ୍ଚଳରୁ ୧୦ଟି ଦୋଳ ବିମାନ ଯଶପଡା ହାଟ ପଡିଆ ଅକୃର ପିଠ ଠାରେ ମେଳଣ ପଡିଆକୁ ଆସିଥିଲେ । ୨ ଦିନ ଧରି ଚାଲିଥିବା ଦୋଳ ମେଳଣରେ ଶ୍ରୀ ଶ୍ରୀ ନୃସିଂହନାଥ ଡ୍ରାମାଟିକ କ୍ଲବ ପକ୍ଷରୁ ୨ଟି ନାଟକ 'କାନ୍ଦନା ଲୁହ ସରିଯିବ' ଓ 'ଅସତି ତୁଳସୀ ସତି ଚଉରା' ନାଟକ ପରିବେଷଣ କରାଯାଇଥିଲା । କମଳାକାନ୍ତ ଖୁଣ୍ଟିଆ ନାଟ୍ୟ ନିର୍ଦ୍ଦେଶନା ଦେଇଥିଲେ । ଉକ୍ତ ଉତ୍ସବରେ ଅତିଥି ଭାବେ ବଳରାମ ସେଠୀ, ସର୍ବେଶ୍ୱର ମିଶ୍ର, ମାଗୁଣୀ ବେହେରା, ଯଶୋବନ୍ତ ନାରାୟଣ ଦାସ, ପ୍ରଫୁଲ୍ଲ ପଟ୍ଟନାୟକ ପ୍ରମୁଖ ଯୋଗଦେଇଥିଲେ । ଅନୁଷ୍ଠାନର ମୁଖ୍ୟ ଦିଲ୍ଲୀପ କୁମାର ଦାଶଙ୍କ ପରିଚାଳନାରେ ରବିନ୍ଦ୍ର ବେହେରା, ମାନସ ରଞ୍ଜନ ବେହେରା, ଅନୀଲ ନାଥ, ପୀତବାସ ମଲ୍ଲିକ, କୈଳାସ ଚନ୍ଦ୍ର ବେହେରା, ଚିତ୍ତ ରଞ୍ଜନ ବେହେରା, ରଞ୍ଜନ ଭୂୟାଁ, ସୁକାନ୍ତ ବେହେରା, ବିଭୁଦତ୍ତ ରାଉତରାୟ, ଅନ୍ନବ



ପରିଡା, ତପନ ଭୂୟାଁ, ହରିଶ୍ଚନ୍ଦ୍ର ବାରିକ ପ୍ରମୁଖ ଗ୍ରାମବାସୀ ସହଯୋଗ କରିଥିଲେ ।

## ଇଂରାଜୀ ମାଧ୍ୟମ ସ୍କୁଲର ବାର୍ଷିକ ଉତ୍ସବ




**ଆଠଗଡ଼,୨୭।୩(ସମିସ):** ଆଠଗଡ଼ ଅଶୋକ ନଗର ସ୍ଥିତ ବିବେକାନନ୍ଦ ଆଡଭାନ୍ସ ଇଂରାଜୀ ମିଡିୟମ ସ୍କୁଲର ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ସ୍କୁଲ ପରିଚାଳନା କମିଟି ସଭାପତି ଅଶୋକ କୁମାର ଦାଶଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ସାଧୁ ସଦାନନ୍ଦ ଦାସ ମହାରାଜ, ମୁଖ୍ୟବକ୍ତା ଭାବରେ ଖୁଣ୍ଟୁଣୀ ବନାଞ୍ଚଳ ଅଧିକାରୀ ନୀଳମାଧବ ସାହୁ ସମ୍ମାନିତ ଅତିଥି ଭାବରେ ଯୁବ ସଂଗଠକ ଲକ୍ଷ୍ମୀନାରାୟଣ ଭଞ୍ଜ, ଆଠଗଡ଼ ସାମ୍ବାଦିକ ସଂଘ ସଭାପତି ଅର୍ଦ୍ଧେନ୍ଦୁ ମହାନ୍ତି ପ୍ରମୁଖ ଯୋଗଦେଇ ନିଜର ବକ୍ତବ୍ୟ ରଖିବା ସହିତ ବିଭିନ୍ନ ପ୍ରତିଯୋଗିତାରେ କୃତୀ ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରିଥିଲେ । ପରିଚାଳନା କମିଟି ସଦସ୍ୟ ବିଭୂତି ଭୂଷଣ ଖଟୁଆଙ୍କ ସଂଯୋଜନାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ସମ୍ପାଦକ ପ୍ରକାଶ ପୁହାଣ ସମ୍ପାଦକୀୟ ବିବରଣୀ ପାଠ କରିଥିବା ବେଳେ ଶିକ୍ଷକ ତୃପ୍ତି ରଞ୍ଜନ ସାହୁ ଅତିଥି ପରିଚୟ ପ୍ରଦାନ କରିଥିଲେ । ଏହି ଅବସରରେ ଆଠଗଡ଼ ଅଗ୍ନିଶମ ବିଭାଗ ପକ୍ଷରୁ ମହିଳାଙ୍କୁ ଅଗ୍ନି ନିରାପତ୍ତା ଉପାୟ ବାବଦରେ ସଚେତନ କରାଇଥିଲେ । ପରିଚାଳନା କମିଟି ସଦସ୍ୟ ପର୍ଶୁରାମ ବେହେରା, ଶିକ୍ଷୟିତ୍ରୀ ଲିପ୍ସା ଗଡ଼ନାୟକ, ଅନିତା ନାୟକ, ନଳିନୀ ବେହେରା କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ । ସ୍କୁଲର ଅଧ୍ୟକ୍ଷା ସୁଚିସ୍ମିତା ଦଳେଇ ଧନ୍ୟବାଦ ଦେଇଥିଲେ ।

## ଚନ୍ଦ୍ରସାରଥୀଙ୍କୁ ଟିକଟ ପରେ ବିଜେଡି କର୍ମୀ ଉତ୍ସାହିତ

**କଟକ,୨୭।୩(ସମିସ):** ବିଜୁ ଜନତା ଦଳର ଆସନ୍ତା ସାଧାରଣ ନିର୍ବାଚନ ପାଇଁ ଘୋଷଣା ହୋଇଥିବା ପ୍ରାର୍ଥୀ ତାଲିକାରେ କଟକ ସଦର ବିଧାନସଭା ନିର୍ବାଚନୀ ମଣ୍ଡଳୀର ପ୍ରାର୍ଥୀ ଭାବରେ ବିଧାୟକ ଚନ୍ଦ୍ର ସାରଥୀ ବେହେରାଙ୍କ ନାମ ଘୋଷଣା ପରେ ସଦର ବିଜେଡିର କର୍ମୀଙ୍କ ମଧ୍ୟରେ ଉତ୍ସାହ ଉନ୍ମାଦନା ଦେଖାଦେଇଛି । ସଦର ନିର୍ବାଚନ ମଣ୍ଡଳୀର ମଧ୍ୟସ୍ଥଳ କନ୍ଦରପୁର ଠାରେ ସହିତ ବାଣ ଫୁଟାଇ ଖୁସିବ୍ୟକ୍ତ କରିଥିଲେ । ଏହି ଉତ୍ସବରେ ବିଜେଡ଼ି ଜିଲ୍ଲା ପରିଷଦ ସଭ୍ୟ ପ୍ରଦୀପ୍ତ ମାହାଲୀ, କନ୍ଦରପୁର ସମିତି ସଭ୍ୟ ସାରଦା ପ୍ରସନ୍ନ ସ୍ୱାଇଁ, ଜିଲ୍ଲା ଉପସଭାପତି ସମର ବେହେରା, ଆମ୍‌ ଅଧ୍ୟକ୍ଷ ରଜନୀକାନ୍ତ ସାହୁ, ସଦର ବିକାଶ ମଞ୍ଚର ସଭାପତି ସୁବୋଧ ବେହେରା, ପୂର୍ବତନ ସରପଞ୍ଚ ପ୍ରଫୁଲ୍ଲ ଭୋଇ, ପ୍ରମୋଦ ରାଉତ, ନିରଞ୍ଜନ ବେହେରା, ପ୍ରଭାକର ବେହେରା, ପ୍ରତାପ ରାଉତ, ଯୁବ



ବିଜେଡି ଯୁବନେତା କାଳିନ୍ଦୀ ଚରଣ ସ୍ୱାଇଁଙ୍କ ନେତୃତ୍ୱରେ ବିଜେଡି କର୍ମୀମାନେ ଏକତ୍ରିତ ହୋଇ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ, ୫-ଟି ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନ ଓ ସଂଗଠନ ସମ୍ପାଦକ ପ୍ରଣବ ପ୍ରକାଶ ଦାସଙ୍କୁ କୃତଜ୍ଞତା ଜଣାଇବା ବିଜେଡ଼ି ବ୍ଲକ ସଭାପତି ହିମାଂଶୁ ଦାସ, ରଞ୍ଜିତ ପାତ୍ରଙ୍କ ସମେତ ବହୁ ଦଳୀୟ କର୍ମୀ ଉପସ୍ଥିତ ରହି ଆସନ୍ତା ନିର୍ବାଚନରେ ପ୍ରାର୍ଥୀ ଶ୍ରୀ ବେହେରାଙ୍କୁ ବିପୁଳ ଭୋଟରେ ବିଜୟୀ କରିବାକୁ ସଂକଳ୍ପ କରିଥିଲେ ।

## ବିଶ୍ରାମ ଗୃହ ପାଲଟିଛି ଆମିଷ ଦୋକାନ

**କିଶନନଗର,୨୭।୩(ସମିସ):** କଟକ ପାରାଦ୍ୱୀପ ରାଜ୍ୟ ରାଜପଥର କମରପଦା ଛକର ଯାତ୍ରୀ ବିଶ୍ରାମ ଗୃହକୁ ବହୁ ଦିନ ଧରି ଜବରଦଖଲ କରି ମାଛ ଓ ଚିକେନ ସେଣ୍ଟର କରାଯାଇଛି ।



ଯାତ୍ରୀମାନେ ବିଶ୍ରାମ ଗୃହକୁ ଯିବା ତ ଦୂରର କଥା ଦୁର୍ଗନ୍ଧରେ କେହି ଯାଉନାହାଁନ୍ତି । ତେଣୁ ଖରା ବର୍ଷାରେ ଯାତ୍ରୀମାନେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଥିବା ବେଳେ ଅନ୍ୟ ଦୋକାନର ବାରଣ୍ଡାରେ ବସକୁ ଅପେକ୍ଷା କରୁଛନ୍ତି । ଯାତ୍ରୀମାନଙ୍କ ପାଇଁ ବିଶ୍ରାମ ଗୃହରୁ ମାଛ ଓ ଚିକେନ ସେଣ୍ଟରକୁ ଉଚ୍ଛେଦ କରାଯିବା ପାଇଁ ଓ ଯାତ୍ରୀଙ୍କ ସୁବିଧା ପାଇଁ ବଜାର କମିଟି ପକ୍ଷରୁ ପ୍ରଶାସନଙ୍କ ନିକଟରେ ଦାବି କରିଛନ୍ତି ।

## ଦୁଇଶହ ବର୍ଷର କେଦାରେଶ୍ୱର ମେଳଣ

- ଉହାଡ଼ର ବିପରୀତ ପାର୍ଶ୍ୱରେ ବାଲୁଙ୍କେଶ୍ୱର ଓ କେଦାରେଶ୍ୱର
- ଆକର୍ଷଣୀୟ ଶୋଭାଯାତ୍ରା ଓ ସଂକୀର୍ତ୍ତନ ବିଶେଷତ୍ୱ

**ଫୁଲନଖରା,୨୭।୩(ସମିସ)**



ଫଗୁ ଦଶମୀ ଠାରୁ ଦୋଳପର୍ବ ସବୁ ସ୍ଥାନରେ ପାଳିତ ହେଉଥିବା ବେଳେ ନିର୍ଦ୍ଦିଷ୍ଟ କେତେକ ସ୍ଥାନରେ ମେଳଣ ଅନୁଷ୍ଠିତ ହୋଇଥାଏ । ପ୍ରତିବର୍ଷ ଚୈତ୍ର କୃଷ୍ଣପକ୍ଷ ପ୍ରତିପଦା ତିଥି ବା ହୋଲିପର୍ବ ଦିନ ଅନୁଷ୍ଠିତ ହୋଇଥାଏ ତେଲେଙ୍ଗାପେଣ୍ଠ ନିକଟସ୍ଥ ନଛିପୁର ଗ୍ରାମର ଆରାଧ୍ୟ ଦେବ କେଦାରଶ୍ୱରଙ୍କ ପୀଠରେ ମେଳଣ । ଏହି ମେଳଣ ଦିବା ୧୨ ଘଟିକା ଠାରୁ ଆରମ୍ଭ ହୋଇ ସଧ୍ୟା ସମୟରେ ଶେଷ ହୋଇଥାଏ । ଏହି ମେଳଣରେ ପ୍ରାୟ ୨୫ରୁ ଉଦ୍ଧ୍ୱର୍ ବିମାନ ସାଜସଜା ସହ ଯୋଗଦାନ କରିଥାନ୍ତି । ଏହି ମେଳଣ ଆରମ୍ଭ ହେବା ପଛରେ ଅନେକ କଥା ରହିଛି । ଏହି ମେଳଣ ପୂର୍ବରୁ କେଦାରଶ୍ୱର ଦେବ ନୂଆଗଡ ଗ୍ରାମର ଆରାଧ୍ୟ ଦେବ ବାଲୁଙ୍କେଶ୍ୱର ପଟିଆ ରାଜାଙ୍କ ଦ୍ୱାରା ଅନୁଷ୍ଠିତ ପଟିଆ ମେଳଣରେ ଯୋଗଦେଇଥାନ୍ତି । କେଦାରଶ୍ୱର ପଡିଆରେ ପହଞ୍ଚିଲା ମାତ୍ରେ ସେଠାରେ କୌଣସି ଏକ ସାହିରେ ନିଆଁ ଲାଗି ଅନେକ କ୍ଷୟକ୍ଷତି ହେଉଥିଲା । ପ୍ରତିବର୍ଷ ଏଭଳି ଘଟଣା ଘଟିବାରୁ ରାଜା କୁଳଗୁରୁଙ୍କୁ ଏ ବିଷୟରେ ପଚାରନ୍ତେ, କେଦାରେଶ୍ୱର ତାଙ୍କ ନିଜ ପୀଠସ୍ଥଳି ଛାଡି କେଉଁଆଡେ ଯିବା କଥା ନୁହେଁ ବୋଲି କୁଳଗୁରୁ ସୂଚାଇଥିଲେ । କୁଳଗୁରୁଙ୍କ କଥାକୁ ସମ୍ମାନ ଦେଇ ରାଜା ପଟିଆ ମେଳଣକୁ କେଦାରେଶ୍ୱରଙ୍କୁ ବାରଣ କରିବା ସହ ନିଜ ପୀଠସ୍ଥଳରେ ମେଳଣ କରିବା ପାଇଁ ନିର୍ଦ୍ଦେଶ ଦେଇଥିଲେ । ତାଙ୍କରି ନିର୍ଦ୍ଦେଶରେ ହୋଲି ଦିନ କେଦାରେଶ୍ୱରଙ୍କ ପୀଠରେ ପ୍ରତିବର୍ଷ ମେଳଣ ଅନୁଷ୍ଠିତ ହେବାରେ ଲାଗିଲା । ସେହି ଦିନ ଠାରୁ ପ୍ରଭୁ କେଦାରେଶ୍ୱର କୌଣସି ମେଳଣକୁ ଯାଆନ୍ତି ନାହିଁ କି ନିଜ ଅଞ୍ଚଳ ଛାଡି ଅନ୍ୟ କୌଣସି ସ୍ଥାନକୁ କାହାରି ଘରକୁ ଭୋଗ ଖାଇବାକୁ ଯାଆନ୍ତି ନାହିଁ । ଏହି ମେଳଣର ବୈଶିଷ୍ଟ୍ୟ ହେଉଛି ନୂଆଗଡର ଇଷ୍ଟଦେବ ବାଲୁଙ୍କେଶ୍ୱର ମେଳଣ ପଡିଆରେ ଥାନପତି କେଦାରଶ୍ୱରଙ୍କ ପାଖକୁ ଲାଗି ଡାହାଣ ପଟେ ଆସ୍ଥାନ ନିଅନ୍ତି ହେଲେ ପରସ୍ପରକୁ ଯେପରି ନ ଦେଖନ୍ତି ସେଥିପାଇଁ ଉହାଡ ପଡିଥାଏ । ଲୋକଙ୍କର ବିଶ୍ୱାସ ରହିଛି ଏଥିରେ ବ୍ୟତିକ୍ରମ ହେଲେ କିଛି ନା କିଛି ଅଘଟଣ ଘଟିବ ହିଁ ଘଟିବ । ପୂର୍ବେ ବ୍ୟତିକ୍ରମ ଯୋଗୁଁ ଅଘଟଣ ଘଟିଥିବାର ମଧ୍ୟ ଶୁଣିବାକୁ ମିଳେ ।

ଚଳିତ ବର୍ଷ ଏହି ମେଳଣର ସବୁଠାରୁ ଆକର୍ଷଣୀୟ ହେଉଛି ବିମାନ ମାନଙ୍କର ଶୋଭାଯାତ୍ରା ଓ ବିଶେଷତ୍ୱ ହେଉଛି ସଂକୀର୍ତ୍ତନ । କେଦାରେଶ୍ୱରଙ୍କ ସମ୍ମୁଖ ଭାଗରେ ବିରାଟ ସଂକୀର୍ତ୍ତନ ମଣ୍ଡପ ଉପରେ ଆଖପାଖ ଅଞ୍ଚଳର ୪୮ ଦିଗ ଭାଗ ମହନ୍ତ ବନମାଳୀ ଦାଶଙ୍କ ନେତୃତ୍ୱରେ ପ୍ରାୟ ୩୦ରୁ ଉର୍ଦ୍ଧ୍ୱ ସଂକୀର୍ତ୍ତନ ମଣ୍ଡଳୀଙ୍କ ଦ୍ୱାରା ସଂକୀର୍ତ୍ତନ ପରିବେଷଣ କରାଯାଇଥିଲା । ଏହି ଅବସରରେ କେଦାରଶ୍ୱର ଦୋଳମେଳଣ କମିଟି ତରଫରୁ ହିନ୍ଦୁସ୍ଥାନ ହେଲଫିଂ ହ୍ୟାଣ୍ଡସ୍ ସଂଗଠନର ପ୍ରତିଷ୍ଠାତା ବାସୁଦେବ ପାତ୍ରଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । ଏହି ଦୋଳ ମେଳଣଟିକୁ ମେଳଣ କମିଟିର ସଭାପତି କାଳନ୍ଦି ସ୍ୱାଇଁ, ସଂପାଦକ ବସନ୍ତ କୁମାର ଜେନା ପରିଚାଳନା କରିଥିବା ବେଳେ ଶିକ୍ଷାବିତ୍ ଡ଼ ଶରତ କୁମାର ରଥ, ନଛିପୁର ଗ୍ରାମ୍ୟ କମିଟିର ସଭାପତି ମୂରଲୀଧର ନାୟକ, ସଂପାଦକ ବିଚିତ୍ରାନନ୍ଦ ସ୍ୱାଇଁ, ବଢ଼େଇସାହି ଗ୍ରାମ୍ୟ କମିଟି ସଭାପତି ବାବାଜି ମୁଦୁଲି, କୋଠସାହି ଗ୍ରାମ୍ୟ କମିଟି ସଭାପତି ରମେଶ ଚନ୍ଦ୍ର ବେହେରା, ସଂପାଦକ ତପନ କୁମାର ପାତ୍ର, ଢ଼ିଅ ନଛିପୁର ଗ୍ରାମ୍ୟ କମିଟିର ସଂପାଦକ ପ୍ରଦୀପ କୁମାର ଦାସ, କାବୁଲି ପାତ୍ର, ଜତୀନ୍ଦ୍ର ନାଥ ମହାରଣା, ପ୍ରଦୀପ କୁମାର ସାହୁ ଓ ନଛିପୁର ମହନ୍ତ ପ୍ରମୋଦ କୁମାର ପଣ୍ଡା ପ୍ରମୁଖ ସହଯୋଗ କରିଥିଲେ ।

## ଟାଙ୍ଗୀ-ଚୌଦ୍ୱାର ବ୍ଲକ ବିଜେଡିର ପ୍ରସ୍ତୁତି



**ଟାଙ୍ଗୀ, ୨୭ ।୩(ସମିସ):** ଟାଙ୍ଗୀ ଚୌଦ୍ୱାର ବ୍ଲକ ଗରୁଡ଼ଗାଁ ପଞ୍ଚାୟତ କାକଟପୁରିଆଣୀ ମନ୍ଦିର ପରିସରରେ ବିଜୁ ଜନତା ଦଳ ପକ୍ଷରୁ ଘରେ ଘରେ ଶଙ୍ଖ କାର୍ଯ୍ୟକ୍ରମର ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି । ପୂର୍ବତନ ସରପଞ୍ଚ ସୁବୋଧ କୁମାର ସାମଲଙ୍କ ପୌରୋହିତ୍ୟରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ସ୍ଥାନୀୟ ସରପଞ୍ଚ ଦିପ୍ତିମୟୀ ବେହେରା, ପଞ୍ଚାୟତ ପର୍ଯ୍ୟବେକ୍ଷକ ଗୋବିନ୍ଦ ଦାସ, ସୁବାଷ ବେଉରା, ପ୍ରମୁଖ ଯୋଗଦାନ କରି ବିଜୁ ଜନତା ଦଳର ସଂଗଠନକୁ ସୁଦୃଢ ନିମନ୍ତେ ପ୍ରତ୍ୟେକ ଘରକୁ ଘର ଯୋଡିବା ଲକ୍ଷ୍ୟରେ ଆଲୋଚନା କରାଯାଇଥିଲା । ଉକ୍ତ ବୈଠକରେ ପଞ୍ଚାୟତର ବିଜେଡି କର୍ମୀମାନେ ଯୋଗଦାନ କରିଥିଲେ ।

■ ବେଆଇନ ଛଟେଇକୁ ବିରୋଧ

## ଇଟା କମ୍ପାନୀ ଶ୍ରମିକଙ୍କ କାର୍ଯ୍ୟବନ୍ଦ ଆନ୍ଦୋଳନ



**ଟାଙ୍ଗୀ, ୨୭ ।୩(ସମିସ):** ବେଆଇନ୍ ଛଟେଇକୁ ବିରୋଧ କରି ଟାଙ୍ଗୀ-ଚୌଦ୍ୱାର ବ୍ଲକ ତଥା ଟାଙ୍ଗୀ ଥାନା ହରିଅନ୍ତା ପଞ୍ଚାୟତ ତରତ ଗ୍ରାମ ସନ୍ନିକଟ ଏକ ଇଟା କମ୍ପାନୀର ଶ୍ରମିକମାନେ ବୁଧବାର ଠାରୁ କାର୍ଯ୍ୟବନ୍ଦ ଆନ୍ଦୋଳନ ଆରମ୍ଭ କରିଛନ୍ତି । ଶ୍ରମିକମାନେ କମ୍ପାନୀ ଫାଟକରେ ବିକ୍ଷୋଭ ପ୍ରଦର୍ଶନ କରିବା ସହ ହକ୍ ଦାବି କରିବା ଓ ସିପିଆଇ(ଏମ୍) ନେତା ବଦ୍ରି ନାରାୟଣ ଦାଶ, ଜିଲ୍ଲା ପରିଷଦ ସଭ୍ୟ ତଥା ଆଇନଜୀବୀ ଚିତ୍ତରଞ୍ଜନ ସାମଲ ଏବଂ ପଞ୍ଚାୟତ ବିଜେଡି ସଭାପତି ନରେନ୍ଦ୍ର ରାଉତରାୟ ପହଞ୍ଚି ଆନ୍ଦୋଳନରତ ଶ୍ରମିକମାନଙ୍କୁ ସମର୍ଥନ କରିଥିଲେ । ଦାବି ପୂରଣ ନ ହେଲେ ଆନ୍ଦୋଳନ ବ୍ୟାପକ ହେବ ଓ କମ୍ପାନୀକୁ ଅଚଳ କରିଦିଆଯିବ ବୋଲି ଶ୍ରମିକମାନେ ମତବ୍ୟକ୍ତ କରିଛନ୍ତି । ଅପରାହ୍ନରେ କମ୍ପାନୀ କର୍ମକର୍ତ୍ତା ଓ ଶ୍ରମିକ ପ୍ରତିନିଧିଙ୍କ ମଧ୍ୟରେ ଆଲୋଚନା ହୋଇଥିଲେ ହେଁ ସମାଧାନର ବାଟ ବାହାରି ପାରି ନ ଥିଲା । କମ୍ପାନୀ ନିଜ ଜିଦରେ ଅଟଳ ରହିବାରୁ ଅନିର୍ଦ୍ଧିଷ୍ଟ କାଳ ନିମନ୍ତେ କାର୍ଯ୍ୟବନ୍ଦ ଆନ୍ଦୋଳନ ଜାରି ରହିବ ବୋଲି ଶ୍ରମିକମାନେ ଘୋଷଣା କରିଥିଲେ । କୌଣସି ପ୍ରକାର ଅପ୍ରୀତିକର ପରିସ୍ଥିତି ସୃଷ୍ଟି ହୋଇ ନ ଥିବା ଆଇଆଇସି ସମରେନ୍ଦ୍ର ପାଇକରାୟ ସୂଚନା ଦେଇଛନ୍ତି ।

## ସପନପୁରରେ ମହମବତି ଶୋଭାଯାତ୍ରା

**ଟାଙ୍ଗୀ, ୨୭ ।୩(ସମିସ):** ଟାଙ୍ଗୀ ଚୌଦ୍ୱାର ବ୍ଲକ ଗରୁଡ଼ଗାଁ ପଞ୍ଚାୟତ ସପନପୁରରେ ସ୍ୱର୍ଗତ ଅର୍ଜୁନ ସାମଲଙ୍କ ବିୟୋଗରେ ଗ୍ରାମର ଯୁବଗୋଷ୍ଠୀଙ୍କ ଦ୍ୱାରା ଏକ ମହମବତି ଶୋଭାଯାତ୍ରା ଅନୁଷ୍ଠିତ ହୋଇଯାଇଛି । ସୂଚନାଯୋଗ୍ୟ ସ୍ୱର୍ଗତ ସାମଲ ଗ୍ରାମର ଜଣେ ଉଦୀୟମାନ ଓ ଅମାୟିକ ଯୁବକ ଥିଲେ । ସେ ଛେଳି ଚରାଇ ଘରକୁ ଫେରୁଥିବା ସମୟରେ ବଜ୍ରପାତରେ ବିୟୋଗ ଘଟିଥିଲା ।

### ସ୍ୱାସ୍ଥ୍ୟ ଆରୋଗ୍ୟ କେନ୍ଦ୍ରକୁ ରାସ୍ତା ଚିହ୍ନଟ ନେଇ ଅସନ୍ତୋଷ

# ତହସିଲ କାର୍ଯ୍ୟାଳୟ ସମ୍ମୁଖରେ ଗ୍ରାମବାସୀଙ୍କ ଧାରଣା

**ନିଶ୍ଚିନ୍ତକୋଇଲି, ୨୭।୩(ସମିସ)**

ନିଶ୍ଚିନ୍ତକୋଇଲି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧୀନରେ ଥିବା କଟରପଡ଼ା ପଞ୍ଚାୟତ ସାଙ୍କିଲୋ ସ୍ୱାସ୍ଥ୍ୟ ଆରୋଗ୍ୟ ଉପକେନ୍ଦ୍ରର ନୂତନ ଗୃହ ନିର୍ମାଣ ବିବାଦ ଥମିବାରେ ନାଁ ଧରୁନି । ଯେଉଁ ଜମି ଉପରେ ନୂତନ ଗୃହ ନିର୍ମାଣ କାର୍ଯ୍ୟ ଚାଲିଛି ସେଠାକୁ ସଠିକ୍ ଭାବେ ରାସ୍ତା ନ ଥିବାରୁ ଉକ୍ତ ନିର୍ମାଣ କାର୍ଯ୍ୟ ବନ୍ଦ କରିବା ପାଇଁ ଦୀର୍ଘ ଦିନ ହେବ ଦାବି ହୋଇଆସୁଛି । ଇତି ମଧ୍ୟରେ ବିଡିଓଙ୍କ ଠାରୁ ଆରମ୍ଭ କରି ଜିଲ୍ଲାପାଳଙ୍କ ପର୍ଯ୍ୟନ୍ତ ଉକ୍ତ ବିବାଦୀୟ ପରିସ୍ଥିତି ସଂକ୍ରାନ୍ତରେ ଗ୍ରାମବାସୀମାନେ ଅଭିଯୋଗ କରିଥିଲେ ମଧ୍ୟ ତହସିଲ କାର୍ଯ୍ୟାଳୟର ଟାଳଟୁଳ ନୀତି ପାଇଁ ଏଥିରେ କୌଣସି ସମାଧାନ ହୋଇପାରୁ ନ ଥିବା ଦେଖାଯାଇଛି । ଗତ ୨୧.୦୨.୨୦୨୪ରେ କଟକ ଉପଜିଲ୍ଲାପାଳ ଉକ୍ତ ସ୍ୱାସ୍ଥ୍ୟ ଉପକେନ୍ଦ୍ରକୁ ଉପଯୁକ୍ତ ରାସ୍ତା ଚିହ୍ନଟ ସମ୍ପୃକ୍ତ ପଞ୍ଚାୟତବାସୀଙ୍କୁ ୭ଦିନ ମଧ୍ୟରେ ଅବଗତ କରିବା ପାଇଁ ନିଶ୍ଚିନ୍ତକୋଇଲି ତହସିଲଦାରଙ୍କୁ ନିର୍ଦ୍ଦେଶାନାମା ଜାରି କରିଥିଲେ ମଧ୍ୟ କୌଣସି ସୁଫଳ ମିଳିପାରିନାହିଁ । ଇତି



ମଧ୍ୟରେ ଏକ ମାସରୁ ଅଧିକ ସମୟ ବିତିଯାଇଥିଲେ ମଧ୍ୟ ତହସିଲ କାର୍ଯ୍ୟାଳୟ ପକ୍ଷରୁ କିଛି ପଦକ୍ଷେପ ନିଆ ନ ଯିବାରୁ ବାଧ୍ୟ ହୋଇ କଟରପଡ଼ା ସମିତିସଭ୍ୟା ସ୍ୱାଗତିକା ନାୟକଙ୍କ ନେତୃତ୍ୱରେ ଦିବାକର ଦାସ, ରବୀନ୍ଦ୍ର ସାମଲ, ସୁଶାନ୍ତ ନାୟକ, ରାଧେଶ୍ୟାମ ରାଉତ, ରମେଶ ଦାସ, ଅଭୟ ନାୟକ, କୃଷ୍ଣପ୍ରସାଦ ନାୟକ, ପ୍ରଶାନ୍ତ ନାୟକ, ଶାନ୍ତିଲତା ରାଉତ, କାମିନୀ ନାୟକଙ୍କ ସମେତ ବହୁ ପଞ୍ଚାୟତବାସୀ ବୁଧବାର ପୂର୍ବାହ୍ନରୁ ତହସିଲ କାର୍ଯ୍ୟାଳୟ ସମ୍ମୁଖରେ ଧାରଣାରେ ବସିଛନ୍ତି । ପୂର୍ବରୁ ଯେଉଁ ସ୍ଥାନରେ ଏହି ଉପ ସ୍ୱାସ୍ଥ୍ୟକେନ୍ଦ୍ରଟି ରହିଥିଲା ସେ ସ୍ଥାନଟି ପ୍ରକୃଷ୍ଟ ସ୍ଥାନ ହୋଇଥିଲେ ମଧ୍ୟ କାହା ସ୍ୱାର୍ଥରେ ରାସ୍ତା ନ ଥିବା ଏକ ସ୍ଥାନରେ ସରକାରଙ୍କ ଲକ୍ଷ ଲକ୍ଷ ଟଙ୍କା ଅନୁଦାନ ଖର୍ଚ୍ଚ କରାଯାଇ ନୂତନ ଗୃହ ନିର୍ମାଣ କାର୍ଯ୍ୟ ଚାଲିଛି ସେ ନେଇ ପଞ୍ଚାୟତ ବାସୀମାନେ କ୍ଷୋଭ ପ୍ରକାଶ କରିଛନ୍ତି । ଏହି ସ୍ୱାସ୍ଥ୍ୟ କେନ୍ଦ୍ର ଉପରେ କଟରପଡ଼ା ପଞ୍ଚାୟତ ସମେତ କେଣ୍ଟାଳ ଓ ବାଲିଆପଦା ପଞ୍ଚାୟତର କେତେକ ଗ୍ରାମ ସ୍ୱାସ୍ଥ୍ୟସେବା ପାଇଁ ନିର୍ଭର କରିଥାନ୍ତି । ବର୍ତ୍ତମାନ ନିର୍ମାଣ କରାଯାଇଥିବ ନୂତନ ଗୃହକୁ ରାସ୍ତା ନ ଥିବାରୁ ସ୍ୱାସ୍ଥ୍ୟସେବାରେ ସମସ୍ୟା ଉପୁଜିବ ବୋଲି ଧାରଣାକାରୀମାନେ ପ୍ରକାଶ କରିଛନ୍ତି । ଏଥିପ୍ରତି ଉଚ୍ଚପଦସ୍ଥ ଅଧିକାରୀ ଦୃଷ୍ଟି ଦେବା ପାଇଁ ଦାବି ହୋଇଛି । ଖବର ଲେଖା ହେଲା ପର୍ଯ୍ୟନ୍ତ ଧାରଣା ପ୍ରତ୍ୟାହୃତ ହୋଇ ନ ଥିଲା । ଏ ସଂକ୍ରାନ୍ତରେ ତହସିଲଦାର ଅନିତା ନାୟକଙ୍କୁ ପଚାରିବାରୁ ଯେତେ ଅନୁରୋଧ କଲେ ମଧ୍ୟ ଲୋକମାନେ ଧାରଣାରୁ ଉଠୁ ନ ଥିବା ପ୍ରକାଶ କରିଥିଲେ ।

## ପାଟକୁରା ବିଜୁ ପରିବାର ଏକଜୁଟ ପାଇଁ ବୈଠକ

**ନିଶ୍ଚିନ୍ତକୋଇଲି, ୨୭।୩(ସମିସ)**

ନିଶ୍ଚିନ୍ତକୋଇଲି ବଜାର ବନ୍ଧନ ମଣ୍ଡପଠାରେ ପାଟକୁରା ବିଧାନସଭା କ୍ଷେତ୍ରର ବିଜୁ ପରିବାର ଓ ବିଜୟ ପରିବାର ମଧ୍ୟରେ ଏକଜୁଟ ହେବା ପାଇଁ ଏକ ବୈଠକ ଅନୁଷ୍ଠିତ ହୋଇଛି । ଏହ ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ଡେରାବିଶ ବ୍ଲକ ବିଜେଡି ସଭାପତି ଦେବାଶିଷ ଆଚାର୍ଯ୍ୟଙ୍କ ପୌରୋହିତ୍ୟରେ ଏହି କାର୍ଯ୍ୟକ୍ରମରେ ପାଟକୁରା ନିର୍ବାଚନ ମଣ୍ଡଳୀର ବିଜେଡି ପ୍ରାର୍ଥୀ ତଥା ବିଜୟ ମହାପାତ୍ରଙ୍କ ସୁପୁତ୍ର ଅରବିନ୍ଦ ମହାପାତ୍ର ଯୋଗଦେଇ ବିଜେଡି ସୁପ୍ରିମୋ ନବୀନ ପଟ୍ଟନାୟକଙ୍କ ନିର୍ଦ୍ଦେଶକୁ ପାଳନ କରିବା ପାଇଁ ବଦ୍ଧ ପରିକର ବୋଲି ପ୍ରକାଶ କରିଥିଲେ । ବୈଠକରେ ତାଙ୍କର ଶୁଭେଚ୍ଛୁ ଓ ସମର୍ଥକ ମାନେ ପାଟକୁରା ନିର୍ବାଚନ ମଣ୍ଡଳୀରେ ବିଜେଡ଼ି ପ୍ରାର୍ଥୀ ଭାବେ ତାଙ୍କ ନାମ ଘୋଷଣା କରାଯାଇଥିବାରୁ ବିଜେଡି ସଭାପତି ନବୀନ ପଟ୍ଟନାୟକ ଏବଂ '୫-ଟି' ଅଧ୍ୟକ୍ଷ ଭିକେ ପାଣ୍ଡିଆନଙ୍କୁ କୃତଜ୍ଞତା ଜ୍ଞାପନ କରିଛନ୍ତି । ଏହି ବୈଠକରେ କେନ୍ଦ୍ରାପଡ଼ା ଜିଲ୍ଲା ପରିଷଦ ସଭାପତି ଗୀତାଞ୍ଜଳି ସେଠୀ ଯୋଗଦେଇ ପାଟକୁରା ନିର୍ବାଚନ ମଣ୍ଡଳୀରେ ବିଜୁ ପରିବାର ଓ ବିଜୟ ପରିବାର ଏକଜୁଟ ହୋଇଥିବାରୁ ଏଥର ବିଜେଡ଼ି ପ୍ରାର୍ଥୀ ଅରବିନ୍ଦ ମହାପାତ୍ର ବହୁ ଭୋଟରେ ନିର୍ବାଚିତ ହେବେ ବୋଲି ପ୍ରକାଶ କରିଛନ୍ତି । ବ୍ଲକ ବିଜେଡି ସଭାପତି ଶ୍ରୀ ଆଚାର୍ଯ୍ୟ ଯୋଗଦେଇ ଯେହେତୁ ବିଜେଡି ସୁପ୍ରିମୋ ଶ୍ରୀ ମହାପାତ୍ରଙ୍କୁ ବିଜୁ ପରିବାରରେ ମିଶାଇ ତାଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ଜ୍ଞାପନ କରିବା ସହିତ ବିଧାୟକ ଟିକେଟ ପ୍ରଦାନ କରିଛନ୍ତି ତେଣୁ ସାଂଗଠନିକ ସମ୍ପାଦକ ପ୍ରଣବ ପ୍ରକାଶ ଦାସଙ୍କ ନିର୍ଦ୍ଦେଶରେ ପାଟକୁରା ନିର୍ବାଚନ ମଣ୍ଡଳୀର ସମସ୍ତ ବିଜୁ ପରିବାର ଏକଜୁଟ ହୋଇ ବିଜେଡି ପ୍ରାର୍ଥୀ ଶ୍ରୀ ମହାପାତ୍ରଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ଦେଇ ଶୁଭେଚ୍ଛା ଜଣାଇ ଆମ ପରିବାରକୁ ପାଛୋଟି ନେଲୁ ବୋଲି ପ୍ରକାଶ କରିଥିଲେ । ଏହି ବୈଠକରେ ବ୍ଲକସ୍ତରୀୟ ବହୁ ବିଜେଡି ନେତୃବୃନ୍ଦ, ବିଭିନ୍ନ ପଞ୍ଚାୟତର ସରପଞ୍ଚ, ସମିତିସଭ୍ୟ/ସଭ୍ୟା, ଜିଲ୍ଲା ପରିଷଦ ସଭ୍ୟ ସଭ୍ୟା, ପଞ୍ଚାୟତ ବିଜେଡି ସଭାପତିମାନେ ଯୋଗଦେଇଥିଲେ ।



## ମା' ଚର୍ଚ୍ଚିକା ଛାତ୍ରୀ ନିବାସରେ ବିଦାୟ ସମ୍ବର୍ଦ୍ଧନା



**ବାଙ୍କୀ, ୨୭।୩(ସମିସ):** ବାଙ୍କୀ ସ୍ୱୟଂଶାସିତ ମହାବିଦ୍ୟାଳୟର ମା'ଚର୍ଚ୍ଚିକା ଛାତ୍ରୀ ନିବାସ ଆନୁକୂଲ୍ୟରେ ଶେଷ ବର୍ଷ +୨, +୩ ଓ ପିଜି ଛାତ୍ରୀମାନଙ୍କୁ ଏକ ନିଆରା ଢ଼ଙ୍ଗରେ ବିଦାୟ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଛି । ଏହି ବିଦାୟ ସମ୍ବର୍ଦ୍ଧନାକୁ ସ୍ୱସ୍ତି ଭାବେ ଚିତ୍ରଣ କରିବା ସହ ଅବିର ଲଗାଇବା ସହ ଫୁଲତୋଡା ଓ ଉପଢ଼ୌକନ ଦେଇ ସମ୍ବର୍ଦ୍ଧନା କରାଯାଇଥିଲା । ଉକ୍ତ ସଭାରେ ପ୍ରାଧ୍ୟାପକ ସମୀର କୁମାର ମହାପାତ୍ର ସଭାପତିତ୍ୱ କରିଥିଲେ । ମୁଖ୍ୟଅତିଥି ଭାବେ ଅଧ୍ୟକ୍ଷ କ୍ୟାପଟେନ୍ ଭବାନୀ ପ୍ରସାଦ ହୋତା ଯୋଗଦାନ କରି ବିଦାୟ ନେଉଥିବା ଛାତ୍ରୀମାନଙ୍କର ଶୁଭକମନା କରିଥିଲେ । ମୁଖ୍ୟବକ୍ତା ଭାବେ ଉପାଧ୍ୟକ୍ଷ ପ୍ରାଧ୍ୟାପକ ମନୋଜ କୁମାର ମହାପାତ୍ର, ସମ୍ମାନିତ ଅତିଥିଭାବେ ପ୍ରଶାସନିକ ଅଧିକାରୀ ଡ. ନିରଞ୍ଜନ ମହାନ୍ତି, ଅଧ୍ୟାପକ ଯୋଗୀନାଥ ମଲ୍ଲିକ, ବୃନ୍ଦାବନ ପ୍ରଧାନ, ସୁଜିତ୍ ସାହୁ, ଅଧ୍ୟାପକ ଚିନ୍ମୟ କୁମାର ତ୍ରିପାଠୀ ଓ ଅଧ୍ୟାପିକା ରୋଜାଲିନ୍ ମହାନ୍ତି ଯୋଗଦାନ କରି ଛାତ୍ରୀଙ୍କୁ ଆଶୀର୍ବାଦ ପ୍ରଦାନ କରିଥିଲେ । ଛାତ୍ରୀନିବାସର ତତ୍ତ୍ୱବଧାରିକା ଡ.ସନ୍ଧ୍ୟାରାଣୀ ମହାନ୍ତି ସ୍ୱାଗତ ଭାଷଣ ଦେବା ସହ ଅତିଥିଙ୍କ ପରିଚୟ ପ୍ରଦାନ କରିଥିଲେ । ସମ୍ପାଦିକା ସୁଶ୍ରୀତା ମିଶ୍ର ବିବରଣୀ ପାଠ କରିଥିବା ବେଳେ ଉତ୍ସବକୁ ଅଧ୍ୟାପିକା ଜ୍ୟୋର୍ତିମୟୀ ପାଢ଼ୀ, ବିଜୟନୀ ରାଉତରାୟ ଓ ପୂଜା ଦାଶ ପରିଚାଳନା କରିଥିଲେ । ଶେଷରେ ସହତତ୍ତ୍ୱବଧାରକ କିଶୋର ଚନ୍ଦ୍ର ସ୍ୱାଇଁ ଧନ୍ୟବାଦ ଦେଇଥିଲେ ।

# ବିଭିନ୍ନ ସ୍ଥାନରେ ଦୋଳଯାତ୍ରା ଓ ହୋଲି ପାଳିତ



ମା'ଚର୍ଚ୍ଚିକାଙ୍କ ପୀଠ



ଗୋପାଳ ସମ୍ପ୍ରଦାୟ ପକ୍ଷରୁ ଲଉଡି ଖେଳ

### ମା'ଚର୍ଚ୍ଚିକାଙ୍କ ପୀଠ

**ବାଙ୍କୀ, ୨୭।୩(ସମିସ):** ମା'ଚର୍ଚ୍ଚିକାଙ୍କ ପୀଠରେ ଦୋଳଯାତ୍ରା ଓ ହୋଲି ଖେଳ ଉପଲକ୍ଷେ ବାଙ୍କୀ ଅଞ୍ଚଳର ଦୋଳମେଳନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ରାତିରେ ବାଙ୍କୀର ବିଭିନ୍ନ ଅଞ୍ଚଳର ଦୋଳ ଠାକୁରମାନେ ଭୋଗଖାଇ ବାଙ୍କୀ ବଜାରଚାଉଳ ମାର୍କେଟରେ ଏକତ୍ରିତ ହୋଇଥିଲେ । ଏହି ମେଳଣରେ ରଗଡ଼ି ଗୋପାଳଜୀଉ ଗୋଶାଳା, ଆନନ୍ଦନଗର ରାଧାକୃଷ୍ଣ, ଶିମିଳିପୁର ରାଧାକୃଷ୍ଣ ଦେବ, ବେଦପୁର କୁଞ୍ଜବିହାରୀ ଦେବ, ଚର୍ଚ୍ଚିକା ରାଧାକାନ୍ତ ଦେବ, ତୁଳସୀପୁର ଶ୍ରୀଚୈତନ୍ୟ ଦେବ, କରବର ଦଧିବାମନ ଦେବ, ଖମାରଙ୍ଗ ରାଧାକୃଷ୍ଣ ଦେବ, ଚର୍ଚ୍ଚିକା ମଦନମୋହନ ଦେବ, ଖମାରଙ୍ଗ ନୃସିଂହ ଦେବ, ବିଲିତେନ୍ତୁଳିଆ ଜଳେଶ୍ୱର ଦେବ, ଖମାରଙ୍ଗ ଜନାର୍ଦ୍ଦନ ଦେବ, ବାଙ୍କୀ ମା'ଚର୍ଚ୍ଚିକା, ଚର୍ଚ୍ଚିକା ଐଶ୍ୱେନଶ୍ୱର ଦେବ, ରଣପୁର ଜଳେଶ୍ୱର ଦେବ, ହରିରାଜପୁର ଚନ୍ଦ୍ରଶେଖର ଦେବ, ରଣପୁର ଜଳଶ୍ୱେର ଦେବ, ଖମାରଙ୍ଗ ବାଲୁଙ୍କେଶ୍ୱର ଦେବ, ହରିରାଜପୁର ଚନ୍ଦ୍ରଶେଖର ଦେବ, କୁମୁସର ଅମୃତନିଧି ଦେବ ଓ ନୂଆଗାଁ ଅମୃତନିଧି ଦେବ ଠାକୁରମାନେ ଏକତ୍ରିତ ହୋଇଥିଲେ । ପରେ ସମସ୍ତ ଠାକୁରମାନେ ଏକତ୍ରିତ ହୋଇ ଏକ ବିରାଟ ଶୋଭାଯାତ୍ରାରେ ସହର ପରିକ୍ରମା କରି କଚେରୀ ପଡ଼ିଆଠାରେ ଏକତ୍ରିତ ହୋଇ ହୋଲି ଖେଳିଥିଲେ । ବାଙ୍କୀ ଉପଜିଲ୍ଲାପାଳ ଦେବୀପ୍ରସାଦ ମହାନ୍ତି କଚେରୀ ପଡ଼ିଆକୁ ଆସି ଠାକୁରମାନଙ୍କୁ ଭୋଗପ୍ରଦାନ କରି ଆଶୀର୍ବାଦ ଭିକ୍ଷା କରିଥିଲେ । ଏହି କାର୍ଯ୍ୟକ୍ରମରେ ବାଙ୍କୀର ବିଭିନ୍ନ ପୂଜକ ଓ ବିଶିଷ୍ଟ ବ୍ୟକ୍ତିମାନେ ଯୋଗଦେଇଥିଲେ ।

### ଶ୍ରୀ ବଳଦେବଜିଉଙ୍କ ଝୁଲଣ ଓ ପଞ୍ଜିକା ପଠନ

**ନିଶ୍ଚିନ୍ତକୋଇଲି:** ଜିଗ୍ମୀପୁର ବ୍ରହ୍ମକ୍ଷେତ୍ର ପୀଠ ଶ୍ରୀ ଶ୍ରୀ ବଳଦେବଜୀଉଙ୍କ ଦୋଳର ଶେଷ ପର୍ଯ୍ୟାୟରେ ଝୁଲଣଯାତ ଓ ନୂତନ ପଞ୍ଜିକା ପଠନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି । ପୂର୍ଣ୍ଣିମା ରାତିରେ ଶ୍ରୀ ଜୀଉଙ୍କ ଚଳନ୍ତି ପ୍ରତିମା ରାଧାକୃଷ୍ଣଙ୍କ ବିଗ୍ରହଙ୍କୁ ଝୁଲଣ ମଣ୍ଡପକୁ ନିଆଯାଇ ସେଠାରେ ଥିବା ସୁସଜ୍ଜିତ ବିମାନରେ ଅଧିଷ୍ଠିତ କରାଯାଇଥିଲା । ପରମ୍ପରା ଅନୁସାରେ ଝୁଲଣ ମଣ୍ଡପରେ ରାଧାକୃଷ୍ଣଙ୍କ ନିକଟରେ ଧୂପ, ଦୀପ, ନୈବେଦ୍ୟ ଅର୍ପଣ କରାଯିବା ପରେ ଶ୍ରୀ ଜୀଉଙ୍କ ଅବଧାନ ସୁବାଷ ଚନ୍ଦ୍ର ନାୟକଙ୍କ ଦ୍ୱାରା ଜଗନ୍ନାଥ ସଂସ୍କୃତି ଉପରେ ଆଧାରିତ କୋହିନୂରର ନୂତନ ପଞ୍ଜିକା ପଠନ କରାଯାଇଥିଲା । ଏହି ଅବସରରେ ଜିଗ୍ମୀପୁର ଗୋପାଳ ସମାଜ ପକ୍ଷରୁ ପାରମ୍ପରିକ ଲଉଡ଼ି ଖେଳ ହୋଇଥିଲା । ଏହା ପରେ ହୋଲି ପର୍ବରେ ଚନ୍ଦନ ପୁଷ୍କରିଣୀରେ ମହାପ୍ରଭୁଙ୍କର ଯମୁନା ସ୍ନାନ କରାଯାଇ ବଡ଼ ଦେଉଳ ବିଜେ ହୋଇଥିଲେ । ମୁଖ୍ୟ ପୂଜକ ହେମନ୍ତ କୁମାର ପଣ୍ଡା ଏବଂ ସହଯୋଗୀମାନଙ୍କ ଦ୍ୱାରା ଏହି ଆଧ୍ୟାତ୍ମିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ମ୍ୟାନେଜିଂ ଟ୍ରଷ୍ଟି ଧିରେନ୍ଦ୍ରନାଥ ବେହେରା, ସଭ୍ୟ ରାଜେନ୍ଦ୍ର କର, ଅଜୟ ନନ୍ଦ, ତହସିଲଦାର ଅଚ୍ୟୁତାନନ୍ଦ ସ୍ୱାଇଁଙ୍କ ସମେତ ସମସ୍ତ ନାଜିମନ୍ତ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ । ଏହି କାର୍ଯ୍ୟକ୍ରମରେ ଶହ ଶହ ଶ୍ରଦ୍ଧାଳୁ ଭକ୍ତ ଯୋଗଦେଇ ନୂତନ ପଞ୍ଜିକାକୁ ଶ୍ରବଣ କରିଥିଲେ ।

### ଗୋପାଳ ସମ୍ପ୍ରଦାୟ ପକ୍ଷରୁ ଲଉଡ଼ି ଖେଳ

**ବାଙ୍କୀ:** ବାଙ୍କୀ ବ୍ଲକ ଅନ୍ତର୍ଗତ ସରଣ୍ଡା ଗଡ଼ର ସୁବର୍ଣ୍ଣପୁର ଗ୍ରାମରେ ବିଜେ ଆରାଧ୍ୟ ଦେବତା ଶ୍ରୀ ଶ୍ରୀ ତୃତୀୟା ଦେବଜୀଉଙ୍କ ପୀଠରେ ଦୋଳ ପୂର୍ଣ୍ଣିମା ଅବସରରେ ଘୋଡାବର ଓ ନୂଆ ଓସ୍ତିଆ ଗ୍ରାମର ଗୋପାଳ ସମ୍ପ୍ରଦାୟର ଲୋକମାନେ ଶ୍ରୀ ଜୀଉଙ୍କ ପୀଠରେ ଲଉଡି ଖେଳ କରିଥିଲେ । ଗ୍ରାମ୍ୟ ପରିକ୍ରମା କରି ଶ୍ରୀ ଶ୍ରୀ ତୃତୀୟା ଦେବ ଜୀଉଙ୍କ ପୀଠରେ ପହଞ୍ଚି ପୂଜାର୍ଚ୍ଚନା କରି ବଡଦାଣ୍ଡରେ ଲଉଡି ଖେଳି ଖେଳି ଦୋଳ ମଣ୍ଡପ ନିକଟରେ ପହଞ୍ଚିବା ପରେ ବନ୍ଦନା ଗାଇଥିଲେ । କୁନି କୁନି ଗୋପାଳଙ୍କ ଲଉଡି ଖେଳ ବେଶ୍ ଆକର୍ଷଣୀୟ ଥିଲା ।

### ମା' ବାଉତି ସେବା ସଂଗଠନ

**ବାଙ୍କୀ:** ବାଙ୍କୀ ବ୍ଲକ ଅନ୍ତର୍ଗତ ସୁବର୍ଣ୍ଣପୁର ଗ୍ରାମରେ ବିଜେ ଶ୍ରୀ ଶ୍ରୀ ତୃତୀୟଦେବ ଜୀଉଙ୍କ ପୀଠରେ ଧୂମ୍‌ଧାମରେ ଦୋଳପୂର୍ଣ୍ଣିମା ଉତ୍ସବ ପାଳନ କରିବା ସହିତ ଘୋଡାବର ଗ୍ରାମର ମା' ବାଉତି ସେବା ସଂଗଠନ ପକ୍ଷରୁ ଦୋଳ ମେଲଣ ଯାତ୍ରା ଅନୁଷ୍ଠିତ ହୋଇଥିଲା । ଏହି ଅବସରରେ ସୁବର୍ଣ୍ଣପୁର ଗ୍ରାମ୍ୟ କମିଟି ସଭାପତି ରମେଶ ଚନ୍ଦ୍ର ସେଠୀ ଓ ଶ୍ରୀ ଶ୍ରୀ ତୃତୀୟ ଦେବଜୀଉଙ୍କ ମନ୍ଦିର କମିଟି ସଭାପତି ଶୁଭେନ୍ଦୁ ମହାପାତ୍ର ଏକ ଜଳଛତ୍ର କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ । ଅନୁଷ୍ଠାନର ସଭାପତି ପିଣ୍ଟୁ ପରିଡ଼ା, ସମ୍ପାଦକ ରଶ୍ମିରଞ୍ଜନ ସାହୁଙ୍କ ଅଧ୍ୟକ୍ଷତାରେ ଜଳବଣ୍ଟନ କାର୍ଯ୍ୟରେ ଗ୍ରାମର ଯୁବକମାନେ ସହଯୋଗ କରିଥିଲେ ।

### ଶ୍ରୀ ଶ୍ରୀ ରାଧାକାନ୍ତ ଦେବ

**ବାଙ୍କୀ:** ଚଳିତ ବର୍ଷ ଶ୍ରୀ ଶ୍ରୀ ରାଧାକାନ୍ତ ଦେବ ଚର୍ଚ୍ଚିକା ଗ୍ରାମର ୭, ୮, ୯ ଓ ୧୦ ନମ୍ବର ୱାର୍ଡରେ ଗ୍ରାମବାସୀଙ୍କ ପ୍ରତ୍ୟେକ ଦ୍ୱାର ପରିକ୍ରମା କରିଥିଲେ । ଗ୍ରାମବାସୀମାନେ ଠାକୁରଙ୍କୁ ଭୋଗ ଅର୍ପଣ କରିଥିଲେ । ସନ୍ଧ୍ୟା ଆଳତି ପରେ ଘଣ୍ଟ, ଘଣ୍ଟା ପ୍ରଭୃତି ସହିତ ରାଧାକାନ୍ତ ଦେବଙ୍କ ମାର୍ଫତଦାର ପ୍ରମୋଦ ଚନ୍ଦ୍ର ମହାପାତ୍ର, ସଭାପତି ପ୍ରିୟନାଥ ମହାପାତ୍ର, ବିଦ୍ୟୁତଲତା ସାମଲ, ଭଗବାନ ସାମଲ, ପ୍ରେମାନନ୍ଦ ରାଜ, ହେମନ୍ତ ମହାପାତ୍ର, ବିକଳ ରାଜ, ଶୋହନ ମହାପାତ୍ର, ପୂଜକ, ବାରିକ ପ୍ରଭୃତି ମସାଲ ସହିତ ଗ୍ରାମ ପରିକ୍ରମା କରିଥିଲେ ।



## ଜନକଲ୍ୟାଣ ବରିଷ୍ଠ ନାଗରିକ ସଂଘ ପକ୍ଷରୁ ହୋଲି ପର୍ବ

**ବାଙ୍କୀ:** ବାଙ୍କୀ ଜନକଲ୍ୟାଣ ବରିଷ୍ଠ ନାଗରିକ ସଂଘ ପକ୍ଷରୁ ରଙ୍ଗର ପର୍ବ ହୋଲି ଆନନ୍ଦ ଉତ୍ସାହର ସହିତ ପାଳନ କରାଯାଇଛି । ବୟସକୁ ପଛରେ ପକାଇ ବରିଷ୍ଠ ନାଗରିକମାନେ ପରସ୍ପର ମଧ୍ୟରେ ରଙ୍ଗ ଖେଳି ଭାଇଚାରାର ଉଦାହରଣ ସୃଷ୍ଟି କରିଛନ୍ତି । ହୋଲି ପର୍ବର ତାତ୍ପର୍ଯ୍ୟ ଓ ମହତ୍ତ୍ୱ ସମ୍ପର୍କରେ ଏକ କାର୍ଯ୍ୟକ୍ରମ ହେବା ସହିତ ସୁସ୍ଥ ସମାଜ ଗଠନ ପାଇଁ ବାର୍ତ୍ତା ପ୍ରେରଣ କରାଯାଇଛି । ସଭାପତି ନୃସିଂହ ଚରଣ ପ୍ରଧାନ, ସମ୍ପାଦକ ବିପିନ ବିହାରୀ ମହାନ୍ତି, ସଂଗଠକ ସମ୍ପାଦକ କେଶବ ଚନ୍ଦ୍ର ବେହେରା, ରଘୁନାଥ ନାୟକ, ବାଇଧର ଦେଉରୀ, ସାରଙ୍ଗଧର ମିଶ୍ର, ରମେଶ ଚନ୍ଦ୍ର ମନ୍ତ୍ରୀ, ବିପିନ ବିହାରୀ ବେହେରା, ବ୍ରହ୍ମାନନ୍ଦ ବେହେରା, ରବୀନ୍ଦ୍ର କୁମାର ଦାଶ ପ୍ରମୁଖ ଏହି କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିଥିଲେ ।



ଶ୍ରୀ ବଳଦେବଜୀଉଙ୍କ ଝୁଲଣ ଓ ପଞ୍ଜିକା ପଠନ

